୬ ବୈଭବ ସୂର୍ଯ୍ୟବଂଶୀଙ୍କ ଭିତରେ ନିଜର ଝଲକ ଦେଖୁଛନ୍ତି ବୀରେନ୍ଦ୍ର ସେହ୍ୱାଗ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା | 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୫୪ ● ୧୩ ଅକ୍ଟୋବର ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-254 ● 13th October 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


### ଦିଲ୍ଲୀରେ କଂଗ୍ରେସ–ବିଜେପି ମୁହାଁମୁହିଁ

# ସିଇସି ଏବଂ କେନ୍ଦ୍ର ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ

**ନୂଆଦିଲ୍ଲୀ, ୧୨।୧୦**

ସୋମବାର ସିଇସି ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ ଦିଲ୍ଲୀରେ କଂଗ୍ରେସ–ବିଜେପି ମୁହାଁମୁହିଁ ହୋଇଛନ୍ତି। ଇଣ୍ଡି ମେଣ୍ଟର ନେତାମାନେ ଏକାଠି ହେବା ଭିତରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସାମ୍ବାଦିକ ସମ୍ମିଳନୀ କରି ଉଭୟ ସିଇସି ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଅନ୍ୟପଟେ ବିଜେପି ବି ରାହୁଲ ଓ କଂଗ୍ରେସକୁ କିଛି କମ୍ ଧୋଇନି। ଦଳ କହିଛି କଂଗ୍ରେସ ସପକ୍ଷରେ ନିଷ୍ପତ୍ତି ନଗଲେ ତାକୁ ହଜମ ହୁଏନି। ସେଇଥିପାଇଁ ଏବେ ଦେଶକୁ ଭାଙ୍ଗୁଥିବା ଶକ୍ତି ସହିତ ହାତ ମିଳାଇଛି କଂଗ୍ରେସ।

କଂଗ୍ରେସ ନେତୃତ୍ୱରେ ବିରୋଧୀଙ୍କ ମହାସମାବେଶ ଭିତରେ ସୋମବାର ଦିଲ୍ଲୀରେ ବର୍ଷିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାରଙ୍କ ଉଦ୍ଦେଶ୍ୟରେ ରାହୁଲ ଅଭିଯୋଗ କରିଛନ୍ତି ଯେ, ଭୋଟ୍ ଚୋରି ମାମଲାରେ ଆପଣ ଅପରାଧ କରିଛନ୍ତି। ଯେଉଁ ଅପରାଧର ଆପଣ ମୁଖ୍ୟ ଅପରାଧୀ ନୁହଁନ୍ତି। ଏହା ପଛରେ ଅନ୍ୟମାନଙ୍କ ବୁଦ୍ଧି ରହିଛି ଏବଂ କିଛି ଲୋକ ଏଭଳି କରିବାକୁ (ପୃଷ୍ଠା ୭ରେ)



## ଏଣିକି ଯନ୍ତରମନ୍ତରରେ ଆନ୍ଦୋଳନ ମନା

ଦେଶର ରାଜଧାନୀ ଦିଲ୍ଲୀରେ ଥିବା ଯନ୍ତରମନ୍ତରରେ ଆଉ କେହି ଆନ୍ଦୋଳନ କରିପାରିବେ ନାହିଁ। ଯନ୍ତରମନ୍ତର ଆଉ ଧାର୍ଯ୍ୟ ବିକ୍ଷୋଭ ସ୍ଥଳ ନୁହେଁ।

ଏଠାରେ କୌଣସି ବ୍ୟକ୍ତି କିମ୍ବା ସଂଗଠନ ଆଉ ବିକ୍ଷୋଭ କିମ୍ବା ଧାରଣା ଦେଇ ପାରିବେ ନାହିଁ। ସୋମବାର ଦିଲ୍ଲୀ ପୁଲିସ୍ ଏନେଇ ଗୋଟିଏ ବିଜ୍ଞପ୍ତି ଜାରି କରିଛି। ଯନ୍ତରମନ୍ତରକୁ ମିଳିଥିବା ଧାର୍ଯ୍ୟ ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରି ନିଆଯାଇଛି।

ଯନ୍ତରମନ୍ତର ଠାରୁ ଧାର୍ଯ୍ୟ ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରାଯାଇଥିବା ବେଳେ ଏବେ ଆନ୍ଦୋଳନ ପାଇଁ ଦିଲ୍ଲୀର ଆଉ ୩ଟି ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି। ଯନ୍ତରମନ୍ତରରେ ବିରୋଧୀ ଇଣ୍ଡିଆ ବ୍ଲକ ଓ କକ୍ରୋଚ ଜନତା ପାର୍ଟି ଆନ୍ଦୋଳନ କରିବାକୁ (ପୃଷ୍ଠା ୭ରେ)

## ସୁପ୍ରିମକୋର୍ଟରେ ରାହୁଲ ଗାନ୍ଧୀଙ୍କ ପିଟିସନ

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶହ ଶହ ସମର୍ଥକଙ୍କ ସହ ମିଶି ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି ପିଟିସନ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର ଉପରେ ଅନ୍ତରୀଣ ରୋକ ଲଗାଇବାକୁ ସେ ପିଟିସନରେ କରିଛନ୍ତି ଉଲ୍ଲେଖ। ନିର୍ବାଚନ ଅନିୟମିତତା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ହଟାଇବାକୁ ମଧ୍ୟ ସେ ଦାବି କରିଛନ୍ତି। ବିଶାଳ ଶୋଭାଯାତ୍ରା କରି ରାହୁଲ ଗାନ୍ଧୀ ସୁପ୍ରିମକୋର୍ଟରେ ସନ୍ଧ୍ୟା ବେଳକୁ ପହଞ୍ଚିଥିଲେ। କିନ୍ତୁ ଏହା ପୂର୍ବରୁ ତାଙ୍କ ଲିଗାଲ ଟିମ ପିଟିସନ ଦାଖଲ କରି ସାରିଥିଲା। ଏସ୍ଆଇଆର ପ୍ରକ୍ରିୟାରେ ଓ ନିର୍ବାଚନ କମିଶନରେ ସଂସ୍କାର ଭଳି ୧୦ଟି ପ୍ରମୁଖ ବିଷୟକୁ ପିଟିସନରେ ସ୍ଥାନ ଦିଆଯାଇଛି। (ପୃଷ୍ଠା ୭ରେ)

# ରବର୍ଟ ହଲ୍ ଓ ମାଇକେଲ୍ ଉଡଫୋର୍ଡଙ୍କୁ ଅର୍ଥନୀତିରେ ନୋବେଲ୍

**ଷ୍ଟକହୋମ୍, ୧୨।୧୦**

ଅର୍ଥନୀତି କ୍ଷେତ୍ରରେ ୨୦୨୬ ବର୍ଷ ପାଇଁ ନୋବେଲ୍ ସ୍ମାରକୀ ପୁରସ୍କାର ଘୋଷଣା କରାଯାଇଛି। ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଓ ମାଇକେଲ୍ ଉଡଫୋର୍ଡଙ୍କୁ ମିଳିତ ଭାବେ ଏହି ସମ୍ମାନ ପ୍ରଦାନ କରାଯିବ। ମାଇକ୍ରୋ ଅର୍ଥନୀତିର ସ୍ଥିରତା ପାଇଁ ମାଇକ୍ରୋ ଅର୍ଥନୀତିର ଭିତ୍ତିଭୂମି ସମ୍ପର୍କିତ ଗବେଷଣା ଲାଗି ସେମାନଙ୍କୁ ଏହି ପୁରସ୍କାର ମିଳିଛି। ରୟାଲ୍ ସ୍ୱିଡିସ୍ ଏକାଡେମୀ (ପୃଷ୍ଠା ୭ରେ)



### ପୁରୀ ଜିଲ୍ଲା ପାଇଁ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ବଦଳିବ ଶ୍ରୀକ୍ଷେତ୍ରର ରୂପରେଖ



**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢ଼ିତୋଳିବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଏବଂ ସେବାୟତମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଥିବା ଏହି ବୈଠକରୁ ପ୍ରକାଶ ପାଇଛି।

ଏହି ସମୀକ୍ଷା ବୈଠକରେ ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀ ଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ (ପୃଷ୍ଠା ୭ରେ)

## ଯଶିପୁର ଓ ଦେବଗଡ ମୃତଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା, ଯଶିପୁର ତହସିଲର ଦମ୍ପତି, ଭଞ୍ଜ ସିର୍କା ଓ ବିରନ ନାଏକଙ୍କର ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ (ପୃଷ୍ଠା ୭ରେ)

# ବ୍ରଜ ମୋହନ ରାମ ଓଡ଼ିଶାର ନୂଆ ରାଜ୍ୟପାଳ ନିଯୁକ୍ତ

**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ବଦଳିଲେ ଓଡ଼ିଶାର ରାଜ୍ୟପାଳ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସ୍ଥାନରେ ବ୍ରଜ ମୋହନ ରାମଙ୍କୁ ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟପାଳ ନିଯୁକ୍ତି ନେଇ ମୋହର ମାରିଛନ୍ତି। ବ୍ରଜ ମୋହନ ରାମ ବିଜେପି ସହ ଜଡ଼ିତ ଜଣେ ଅଭିଜ୍ଞ ରାଜନେତା। ସେ ୧୯୯୬, ୧୯୯୮ ଓ ୧୯୯୯ ମସିହାରେ ଲଗାତାର ତିନିଥର ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସେତେବେଳେ ସେ ଅବିଭକ୍ତ ବିହାରର ପଲାମୁ ଲୋକସଭା ଆସନର ପ୍ରତିନିଧିତ୍ୱ କରୁଥିଲେ । ଯାହା ଝାଡ଼ଖଣ୍ଡ ରାଜ୍ୟ ଗଠନ ହେବା ପରେ ତା



ଅଧୀନକୁ ଆସିଥିଲା । ଜାତୀୟ ରାଜନୀତିକୁ ଆସିବା ପୂର୍ବରୁ ସେ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ବିହାର ବିଧାନସଭାର ସଦସ୍ୟ ଥିଲେ । ସେ ଝାଡ଼ଖଣ୍ଡରେ ବିଜେପିର ଅନୁସୂଚିତ ଜାତି (ଏସ୍ସି) ମୋର୍ଚ୍ଚାର ରାଜ୍ୟ ପ୍ରଭାରୀ ଭଳି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ତେବେ କେବଳ ଓଡ଼ିଶା ନୁହେଁ, ଅନ୍ୟ କିଛି ରାଜ୍ୟର ରାଜ୍ୟପାଳ ପଦରେ ମଧ୍ୟ ପରିବର୍ତ୍ତନ ହୋଇଛି । ସିକ୍କିମର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳମର ରାଜ୍ୟପାଳ ଏବଂ କେରଳମର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଏଥିସହ ଡକ୍ଟର ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଡକ୍ଟର ଢାଲ ସିଂହ ବିସେନଙ୍କୁ ଉତ୍ତରାଖଣ୍ଡ ଏବଂ ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି । ରାଜ୍ୟପାଳଙ୍କ ନିଯୁକ୍ତି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୫୫ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା କରାଯାଇଥାଏ। ନୂଆ ରାଜ୍ୟପାଳଙ୍କ ନିଯୁକ୍ତି ଓ କାର୍ଯ୍ୟଭାର ଗ୍ରହଣ ସମ୍ପର୍କିତ ବିସ୍ତୃତ ସୂଚନା ଆଧିକାରିକ ବିଜ୍ଞପ୍ତିରୁ ସ୍ପଷ୍ଟ ହେବ ।

### ଆୟୁଷ୍ମାନ'କୁ ନେଇ ସରକାରଙ୍କ କଡ଼ା ଆଭିମୁଖ୍ୟ

# ମେଡ଼ିକାଲରେ ଆଇସିୟୁ ନଥିଲେ ସର୍ଜରୀ ବାରଣ

**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ଆୟୁଷ୍ମାନ କାର୍ଡକୁ ନେଇ ସରକାରଙ୍କ ଏବେ କଡ଼ା ଆଭିମୁଖ୍ୟ। ଯେଉଁ ଘରୋଇ ହସ୍ପିଟାଲରେ ଆଇସିୟୁ ସହ ଭେଣ୍ଟିଲେଟର ନଥିବ, କାର୍ଡରେ ହୋଇପାରିବନି ଅପରେସନ। ତେଣୁ ଏମାସ ଶେଷ ସୁଦ୍ଧା ଆଇସିୟୁ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ନଚେତ ନଭେମ୍ବର ପହିଲାରୁ ଆକ୍ସନ ନିଆଯିବ ବୋଲି ଚିଠିରେ ଚେତାଇ ଦେଇଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏଭଳି ନିର୍ଦ୍ଦେଶନାମା ପରେ ଘରୋଇ ମେଡ଼ିକାଲ ସଂଘ ଅସନ୍ତୋଷ ପ୍ରକାଶ କରିବା ସହ କମ୍ ସମୟ ଭିତରେ ଆଇସିୟୁ ଓ ଭେଣ୍ଟିଲେଟର ବ୍ୟବସ୍ଥା ଅସମ୍ଭବ ବୋଲି କହିଛି। ସେହିପରି ରୋଗୀ ଓ ସଂପର୍କୀୟ ମଧ୍ୟ ଚିକିତ୍ସା ସେବାରୁ ବଞ୍ଚିତ ହେବା ଆଶଙ୍କା କରିଛନ୍ତି।

ଆଇସିୟୁ ନାହିଁ ତ ସର୍ଜରୀ ପାଇଁ ପ୍ୟାକେଜ୍ ନାହିଁ ! ଭେଣ୍ଟିଲେଟର୍ ନାହିଁ ତ ଆୟୁଷ୍ମାନ ଅନୁଦାନରେ ହୋଇପାରିବନି ଅପରେସନ। ରାଜ୍ୟର ଘରୋଇ ମେଡ଼ିକାଲ ଗୁଡ଼ିକ ବିରୋଧରେ ଏବେ ଏଭଳି ଆକ୍ସନ ନେଇପାରନ୍ତି ସରକାର। ନା ମିଳିବ ଆୟୁଷ୍ମାନ ଯୋଜନା ଅଧୀନରେ ହେଉଥିବା ସର୍ଜରୀ ପାଇଁ ଆର୍ଥିକ ପ୍ୟାକେଜ୍, ନା କାର୍ଯ୍ୟକ୍ଷମ କରିବ ଆୟୁଷ୍ମାନ ପୋର୍ଟାଲ। ତେଣୁ ଆୟୁଷ୍ମାନ ଅଧୀନରେ ଆସୁଥିବା ଯେଉଁ ଘରୋଇ ମେଡ଼ିକାଲ ଗୁଡ଼ିକରେ ଆଇସିୟୁ କିମ୍ବା ଭେଣ୍ଟିଲେଟର ସୁବିଧା ନାହିଁ, ସେମାନେ ଆସନ୍ତା ୩୧ ସୁଦ୍ଧା ପ୍ରସ୍ତୁତ କରିବା ଦରକାର।

ନଚେତ ନଭେମ୍ବର ପହିଲାରୁ ସଂପୃକ୍ତ ମେଡ଼ିକାଲ୍ ପାଇଁ ଆପେ ଆପେ ବନ୍ଦ ହୋଇଯିବ ସର୍ଜରୀ ଆୟୁଷ୍ମାନ ପୋର୍ଟାଲ। ରାଜ୍ୟ ସରକାରଙ୍କ ପକ୍ଷରୁ ଏସମ୍ପର୍କରେ ସମସ୍ତ ତାଲିକାଭୁକ୍ତ ହସ୍ପିଟାଲକୁ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ୟୁରୋପୀୟ କାର କମ୍ପାନୀଗୁଡ଼ିକ ଭାରତରେ ଉତ୍ପାଦନକୁ ପ୍ରାଥମିକତା ଦେବେ, ଦେଶ ହେବ ବିଶ୍ୱସ୍ତରୀୟ ହବ୍ : ଗୋୟଲ।
- ଜରୁରୀକାଳୀନ ପରିସ୍ଥିତି ଆରମ୍ଭ ହେବା ପରଠାରୁ ଖାଇବର ପଖ୍ତୁନଖୱାରେ ଗିରଫଦାରୀ ତୀବ୍ର।
- ମଣିପୁରରେ ଜଣେ ଆତଙ୍କବାଦୀ ଏବଂ ଦୁଇ ଜଣ ଡ୍ରଗ୍ସ ଚୋରାଚାଲାଣକାରୀ ଗିରଫ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୯୮ (-୪୪)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୪୦ (-୪୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୨୪ (-୩୩)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୦ (+୦)

# ଏସଆଇଆର୍ ସପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ବୟାନ

**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍ଆଇଆର)କୁ ଗଣତାନ୍ତ୍ରିକ ବ୍ୟବସ୍ଥାର ବିଶ୍ୱସନୀୟତା ବଜାୟ ରଖିବା ପାଇଁ ଆବଶ୍ୟକ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସ୍ୱାଧୀନ ଓ ଅବାଧ ନିର୍ବାଚନ ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ଗଣତନ୍ତ୍ରର ମୂଳଦୁଆ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ନିଜର ମତାମତ ସେୟାର କରି କହିଛନ୍ତି ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଭୋଟର ତାଲିକାର ସ୍ୱଚ୍ଛତା ଓ ସଠିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭୋଟର ତାଲିକାରେ ଏକାଧିକ ଥର ନାମ ପଞ୍ଜୀକୃତ ହେବା, ପୁରୁଣା ତଥ୍ୟ ଏବଂ ମୃତ ବ୍ୟକ୍ତିଙ୍କ ନାମ ତାଲିକାରେ ରହିବା ଦ୍ୱାରା ଏହାର ଶୁଦ୍ଧତା ପ୍ରଭାବିତ ହୋଇପାରେ। ତେଣୁ ଭୋଟର ତାଲିକାକୁ ବିଶ୍ୱସନୀୟ କରିବା କେବଳ ପ୍ରଶାସନିକ ଆବଶ୍ୟକତା ନୁହେଁ, ବରଂ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ସୁନିଶ୍ଚିତ କରିବା ଏବଂ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ମଧ୍ୟ ଜରୁରୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଗଭୀର (ପୃଷ୍ଠା ୭ରେ)




## ସୁଦାନର ସୁନା ଖଣି ଉପରେ ଏୟାର ଷ୍ଟ୍ରାଇକ୍ : ୭୨ ଶ୍ରମିକଙ୍କ ମୃତ୍ୟୁ

**ଖାର୍ତୁମ, ୧୨।୧୦**

ସୁଦାନରେ ଏକ ସୁନା ଖଣି ଉପରେ ହୋଇଥିବା ଏୟାର ଷ୍ଟ୍ରାଇକରେ ୭୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନେକ ଗୁରୁତର ଆହତ ହୋଇଛନ୍ତି। ସୁଦାନ ଏବଂ ମିଶର ମଧ୍ୟରେ ଥିବା ବିବାଦୀୟ ସୀମା ନିକଟରେ ଏୟାର ଷ୍ଟ୍ରାଇକ୍ ହୋଇଥିବା କୁହାଯାଉଛି। ଇମରଜେନ୍ସି ଲୟାର୍ସ ନାମକ ଏକ ସଂଗଠନ ପକ୍ଷରୁ ଗଣମାଧ୍ୟମକୁ କୁହାଯାଇଛି, ଏୟାର ଷ୍ଟ୍ରାଇକ୍ ଇଜିପ୍ଟର ବାୟୁସେନା ଦ୍ୱାରା କରାଯାଇଥିଲା। ତେବେ ସଂଗଠନ ନିଜର ଦାବିକୁ ସମର୍ଥନ କରିବା ପାଇଁ କୌଣସି ସ୍ପଷ୍ଟ ପ୍ରମାଣ ପ୍ରଦାନ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଦେଶପ୍ରେମକୁ ସବୁ ଝରିପଡୁଅଛି
ଦେଖାଯାଏ ଜଳଜଳ
ଆନ୍ଦୋଳନରେ ରତ ଗୋଷ୍ଠୀସବୁ
ଗୋଟେଇକି ଦଳ ବଳ
ଜନତା ହେଇନି ଭୋଳ
ଠିକ୍‌ଭୁଲ ସବୁ ଠିକ ବେଳେଦେବ
ଯେତେ ହୋଇଗଲେ ଝୋଳ !

# ରାଜଧାନୀରେ ମଦୁଆ ଡ୍ରାଇଭରଙ୍କ ରକ୍ତରଞ୍ଜିତ ଖେଳ



**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ରାଜରାସ୍ତାରେ ମଦ୍ୟପ ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡ। ଗାଡି ଚଢାଇ ଏକାଧିକ ଲୋକଙ୍କୁ ମାରି ଦେବାକୁ ଉଦ୍ୟମ। ସୋମବାର ସକାଳୁ ସକାଳୁ କଟକ-ପୁରୀ ବାଇପାସ୍ ରୋଡରେ ସିରିଜ ଦୁର୍ଘଟଣା ପରେ ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ସୌମ୍ୟରଞ୍ଜନ ରଥ ନାମକ ଜଣେ ଯୁବକଙ୍କୁ ପୋଲିସ୍ ଗିରଫ କରିଛି।

ବଡ଼ କଥା ହେଲା ପ୍ରାୟ ୩ ମାସ ତଳେ ଶାସ୍ତ୍ରୀନଗର ଟ୍ରାଫିକରେ ଦୁର୍ଘଟଣା ଘଟାଇ ଜଣଙ୍କ ଜୀବନ ନେଇଥିଲେ ସୌମ୍ୟ। ସୋମବାରର ଘଟଣା ପରେ ସୌମ୍ୟଙ୍କ ଡିଏଲ୍ ସସ୍‌ପେଣ୍ଡ କରାଯିବା ସହିତ ଗାଡ଼ିର ପଞ୍ଜୀକରଣ ରଦ୍ଦ ପ୍ରକ୍ରିୟା ଆରମ୍ଭ ହୋଇଛି।

ତିନିମାସ ତଳେ ଶାସ୍ତ୍ରୀ ନଗର, ଏବେ କଟକ-ପୁରୀ ବାଇପାସ୍ ରୋଡ୍‌ରେ ସିରିଜ୍ ଦୁର୍ଘଟଣା। ସେହି ଡ୍ରାଇଭର୍ । ସେଦିନ ନିଶାରେ ଚୁର ଏଠି ବି... କିଲର୍ କାରରେ କିଲର୍ ଡ୍ରାଇଭର ! ନାଁ ସୌମ୍ୟରଞ୍ଜନ ରଥ। ଘର- ଭୁବନେଶ୍ୱରର ଜୟଦେବ ବିହାର। ଗତ ଜୁଲାଇ ୧୩ ତାରିଖରେ ଏକ ଦାମୀ କାରରେ ସୌମ୍ୟ ରଥ ଅତି ଦ୍ରୁତ ଗତିରେ ଆସି ଶାସ୍ତ୍ରୀନଗର ଟ୍ରାଫିକ୍ ପୋଷ୍ଟରେ ଜଣେ ବାଇକ ଆରୋହୀଙ୍କୁ ଚଢାଇ ଦେଇଥିଲେ। ଘଟଣା ସ୍ଥଳରେ ଆଖି ବୁଜିଥିଲେ ବାଇକ୍ ଆରୋହୀ। ନିଶାରେ (ପୃଷ୍ଠା ୭ରେ)

# ୧୩ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ : ଓଡ଼ିଶାରେ ବଦଳିବ ପାଗ

**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ଥାଇଲାଣ୍ଡ ଉପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ଖୁବଶୀଘ୍ର ଆଣ୍ଡାମାନ ସାଗର ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ତେବେ ପାଣିପାଗ ଓ ସାମୁଦ୍ରିକ କାରଣ ଅନୁକୂଳ ନଥିବାରୁ ଲଘୁଚାପଟି ଘନୀଭୂତ ହୋଇପାରିବ ନାହିଁ । କେବଳ ଲଘୁଚାପ କ୍ଷେତ୍ରରେ ହିଁ ତାହା ସୀମିତ ରହିବ।

ଏହାର ପ୍ରଭାବରେ ଆସନ୍ତା ୧୩ ଓ ୧୪ ତାରିଖରେ ରାଜ୍ୟରେ କୋହଲା ପାଗ ଦେଖାଯିବ। ୧୬, ୧୭, ୧୮ ଓ ୧୯ ତାରିଖରେ ଉପକୂଳ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷ କରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତିରେ ହାଲୁକା ବର୍ଷା ହୋଇପାରେ। ତେବେ ୨୦ ତାରିଖ ବେଳକୁ ବର୍ଷା କମିବା ସହିତ ଅନେକ ସ୍ଥାନରେ ଶୁଖିଲା ପାଗ ଦେଖାଦେଇପାରେ।





# 'ସେବା ସଂକଳ୍ପ'ଅଭିଯାନରେ ୮୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ସେବାକୁ ପ୍ରାଥମିକତା ଦେଇ ବିଜେପିର 'ସେବା ସଂକଳ୍ପ ଅଭିଯାନ' ସାଇପାଲି ମଣ୍ଡଳ ପକ୍ଷରୁ ଏକ ବୃହତ୍ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ବିଜେପୁର ବ୍ଲକ ସାଇପାଲିସ୍ଥିତ ସୁଭଦ୍ରା ଶକ୍ତି ମଣ୍ଡପରେ ହୋଇଥିବା ଏହି ଶିବିରରେ ଅଞ୍ଚଳର ବହୁ ଲୋକ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ସୁବିଧା ନେଇଥିଲେ।ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବରଗଡ଼ ବିକାଶ ହସ୍ପିଟାଲର ଡାକ୍ତରମାନେ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରୋଗ ଅନୁଯାୟୀ ଚିକିତ୍ସା ଓ ପରାମର୍ଶ ଦେଇଥିଲେ। ଶିବିରରେ ୮୦୦ରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ଆବଶ୍ୟକତା ଅନୁଯାୟୀ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଚକ୍ଷୁ ପରୀକ୍ଷା ପାଇଁ



ମଧ୍ୟ ବିଶେଷ ବ୍ୟବସ୍ଥା ହୋଇଥିଲା। ପରୀକ୍ଷା ପରେ ୫୦ ଜଣ ରୋଗୀଙ୍କୁ ଆଖି ଅପରେସନ ପାଇଁ ପଠାଯାଇଥିଲା। ଏହା ଫଳରେ ଦୀର୍ଘଦିନ ଧରି ଚକ୍ଷୁ ସମସ୍ୟାରେ ରହୁଥିବା ଅନେକ ରୋଗୀ ଆଗାମୀ ଚିକିତ୍ସା ପାଇଁ ସୁଯୋଗ ପାଇଛନ୍ତି।ଅନ୍ୟପଟେ, ଏହି ଅବସରରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ଉପସ୍ଥିତ ଲୋକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଇପାଲି ମଣ୍ଡଳ ସଭାପତି ବୀର ସୁରେନ୍ଦ୍ର ସାହୁଙ୍କ ସମେତ ମଣ୍ଡଳର ସମସ୍ତ ପଦାଧିକାରୀ, ଶକ୍ତିକେନ୍ଦ୍ର ପ୍ରମୁଖ ଓ ବିଭିନ୍ନ ବୁଥର କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ସହଯୋଗ କରିଥିଲେ। ରୋଗୀଙ୍କ ପଞ୍ଜୀକରଣଠାରୁ ଆରମ୍ଭ କରି ଡାକ୍ତରଙ୍କ ନିକଟକୁ ନେବା, ଔଷଧ ବଣ୍ଟନ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ସେମାନେ ଦାୟିତ୍ୱ ତୁଲାଇଥିଲେ। ମାଗଣା ଚିକିତ୍ସା, ଔଷଧ ବଣ୍ଟନ ଓ ଚକ୍ଷୁ ଅପରେସନ ପାଇଁ ରୋଗୀ ଚୟନ ଭଳି ସେବା ମିଳିଥିବାରୁ ଶିବିରଟି ଅଞ୍ଚଳବାସୀଙ୍କ ପାଇଁ ଉପଯୋଗୀ ହୋଇଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନିଜ ଅଞ୍ଚଳରେ ଚିକିତ୍ସା ସୁବିଧା ମାଧ୍ୟମରେ ସମାଧାନ କରିବା ଦିଗରେ ଏଭଳି ଶିବିର ଏକ ପ୍ରୟାସ ବୋଲି ଆୟୋଜକମାନେ କହିଥିଲେ।

# ସମ୍ବଲପୁର ଜିଲ୍ଲାରେ ଶିଳ୍ପାନୁଷ୍ଠାନଗୁଡ଼ିକର ସିଏସଆର୍ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ସମୀକ୍ଷା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଖଣିଗୁଡ଼ିକର କାର୍ଯ୍ୟକାରିତା ଏବଂ ସେମାନଙ୍କର ଇଣ୍ଡଷ୍ଟ୍ରିଆଲ୍ ଓ ମାଇନିଂ ଆକ୍ଟିଭିଟିଜ୍‌କୁ ନେଇ ଶନିବାର ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ବିଭିନ୍ନ କମ୍ପାନୀଗୁଡ଼ିକ ପକ୍ଷରୁ ସେମାନଙ୍କର ବାର୍ଷିକ ସି.ଏସ୍.ଆର. ପାଣ୍ଠିର ହିସାବ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରାଯାଇଥିଲା। କମ୍ପାନୀଗୁଡ଼ିକ ଅଧିକ ଲୋକାଭିମୁଖୀ ହୋଇ, ସ୍ଥାନୀୟ ଗ୍ରାମବାସୀଙ୍କ ସାଙ୍ଗରେ ମିଶି ଏବଂ ସେମାନଙ୍କର ଆଶା-ଆକାଂକ୍ଷାକୁ ଧ୍ୟାନରେ ରଖି ଜିଲ୍ଲା ପ୍ରଶାସନର ଅନୁମତି କ୍ରମେ ସମସ୍ତ ବିକାଶମୂଳକ କାମ କରିବାକୁ ପରାମର୍ଶ ଦିଆଯାଇଛି । ବିଶେଷ କରି ଏ ଅଞ୍ଚଳରେ ରୋଜଗାର ସୃଜନ, ମହିଳାମାନଙ୍କ ପାଇଁ କର୍ମସଂସ୍ଥାନ, ଗୁଣାତ୍ମକ ଶିକ୍ଷା ପାଇଁ ଏମ୍ପ୍ଲୋୟେବିଲିଟି ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୂଚନା ଦେଇଛନ୍ତି ।

ଏହି ଅବସରରେ ରାଜ୍ୟ ରାଜପଥ-୧୦ ଉପରେ ବୃଦ୍ଧି ପାଉଥିବା ଭାରୀ ଯାନବାହନ ଓ ବିଭିନ୍ନ ପାୱାର ପ୍ଲାଣ୍ଟର ଲୋଡ୍ ଏବଂ ପରିବହନ ବ୍ୟବସ୍ଥା ନେଇ ସବିଶେଷ ଆଲୋଚନା ହୋଇଥିଲା। ଆର୍ଯ୍ୟନ୍, ଶ୍ୟାମ ମେଟାଲିକ୍ସ, ଆଦିତ୍ୟ ଆଲୁମିନିୟମ୍, ଜେଏସ୍‌ଡବ୍ଲ୍ୟୁ ତଥା ନେଇଭାଲି କୋଲିୟରି ସମେତ ବେଦାନ୍ତ, ଇଣ୍ଡଭାରତ ଓ ଓପିଜିସିର ପାୱାର ପ୍ଲାଣ୍ଟଗୁଡ଼ିକର ପରିବହନ ଚାପ ଏହି ରାସ୍ତା ଉପରେ ପଡୁଥିବାରୁ ଏହାର ଏକ ଦୂରଦର୍ଶୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି।

ଏହା ଏକ ପବ୍ଲିକ୍ ରୋଡ୍ ହୋଇଥିବାରୁ, ଇଣ୍ଡଷ୍ଟ୍ରିଗୁଡ଼ିକ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରନ୍ତୁ ବୋଲି ସାଂସଦ ପରାମର୍ଶ ଦେଇଛନ୍ତି,, ଯାହାଫଳରେ ଗାଡ଼ିଗୁଡ଼ିକର ଧୂଳି ଓ ଅସୁବିଧାରୁ ସାଧାରଣ ଲୋକେ ମୁକ୍ତି ପାଇବେ। ରେଙ୍ଗାଲି ବ୍ଲକର ନୂଆ ବସ୍‌ଷ୍ଟାଣ୍ଡରୁ ଖେରୁଆଲ ବ୍ରିଜ୍ ପର୍ଯ୍ୟନ୍ତ ୧୫ କିଲୋମିଟର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ସେଠାରେ ଆଲୋକ ବ୍ୟବସ୍ଥା କରିବା, ରାସ୍ତାକୁ ଠିକରେ ପାଣି ପକାଇ ମେଣ୍ଟେନ୍ କରିବା ଏବଂ ପିଡବ୍ଲ୍ୟୁଡି ତଥା ଏଲ୍ଏଣ୍ଡଟି ସହ ଆଲୋଚନା କରି ରାସ୍ତାକୁ ଆବଶ୍ୟକତା ଅନୁଯାୟୀ ଅଧିକ ଚଉଡ଼ା କରାଯିବ । ଷ୍ଟେଟ ହାଇୱେର ପ୍ରା ୧୫ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ସମ୍ପୃକ୍ତ କମ୍ପାନୀଗୁଡ଼ିକ ରାଜ୍ୟ ସରକାର ଓ ପିଡବ୍ଲ୍ୟୁଡି ବିଭାଗ ସହ ଆଲୋଚନା କରି ଏକ ବିଶେଷ ଅନୁଦାନ ଓ ଦାୟିତ୍ୱ ଗ୍ରହଣ କରନ୍ତୁ । ଧୂଳି ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କମ୍ପାନୀଗୁଡ଼ିକ ନିୟମିତ ଜଳ ସିଞ୍ଚନ ଏବଂ ପରିବେଶ ସହଯୋଗୀ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ବୈଠକରେ ପରାମର୍ଶ ଦିଆଯାଇଛି । ଜିଲ୍ଲାରେ କଳକାରଖାନା ଓ ଖଣି ଖଦାନ ହେଉ, କିନ୍ତୁ ପରିବେଶ, ପର୍ଯ୍ୟାବରଣ ଏବଂ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସର୍ବଦା ଆମର ସବୁଠୁ ବଡ଼ ପ୍ରାଥମିକତା ଅଟେ। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ସମସ୍ତ କାର୍ଯ୍ୟଗୁଡ଼ିକୁ ସଫଳତାପୂର୍ବକ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକାଶ କରିଛନ୍ତି। ଏହି ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।

# ଉମରକୋଟରେ ଗୋପବନ୍ଧୁଙ୍କୁ ଭୁଲିଗଲା ପ୍ରଶାସନ !

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ମହାନ ସ୍ୱାଧୀନତା ସଂଗ୍ରାମୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ତାଙ୍କ ତ୍ୟାଗ, ସେବା ଓ ଦେଶପ୍ରେମକୁ ମନେ ପକାଉଛି ସାରା ଓଡ଼ିଶା। କିନ୍ତୁ ଉମରକୋଟରେ ଏହି ମହାନ ଜନନାୟକଙ୍କୁ ସମ୍ମାନ ଜଣାଇବା ନେଇ କେତେ ତତ୍ପରତା ପ୍ରକାଶ ପାଇଛି, ତାହାକୁ ନେଇ ଉଠିଛି ପ୍ରଶ୍ନ। "ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲିଯାଆନ୍ତୁ ପିଠିରେ" ଏହି ମହାନ ଚିନ୍ତାଧାରାକୁ ନେଇ ନିଜ ଜୀବନକୁ ଜନସେବାରେ ଉତ୍ସର୍ଗ କରିଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଶିକ୍ଷା, ସମାଜସେବା ଓ ଓଡ଼ିଆ ଜାତିର ଉନ୍ନତି ପାଇଁ ସେ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ। ଏପରି ଜଣେ ମହାନ ବ୍ୟକ୍ତିତ୍ୱଙ୍କ ଜୟନ୍ତୀରେ ତାଙ୍କୁ ସ୍ମରଣ କରିବା ଓ ସମ୍ମାନ ଜଣାଇବା କେବଳ ଔପଚାରିକତା ନୁହେଁ, ବରଂ ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ତେବେ ଉମରକୋଟରେ ଜୟନ୍ତୀ ପାଳନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣକୁ ନେଇ ପ୍ରକୃତ ସ୍ଥିତି କ'ଣ, ତାହା ସ୍ପଷ୍ଟ ହେବା ଆବଶ୍ୟକ। ପ୍ରଶ୍ନ ଉଠୁଛି ମହାପୁରୁଷଙ୍କ ଜୟନ୍ତୀ କେବଳ କ୍ୟାଲେଣ୍ଡରରେ ସୀମିତ ରହିବ, ନା ତାଙ୍କ ଆଦର୍ଶକୁ ସମ୍ମାନ ଦେବା ପାଇଁ ପ୍ରକୃତ ପଦକ୍ଷେପ ନିଆଯିବ ?

# ସୁରଭି ମାଧ୍ୟମରେ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରକାଶ ପାଏ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬ ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବ୍ରତାନନ୍ଦ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅଜୟ କୁମାର ଲୁହା ଯୋଗଦେଇ ସୁରଭି କିପରି ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭା କୁ ପରିପ୍ରକାଶ କରେ ସେ ବିଷୟରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଡ. ଇତିଶ୍ରୀ ଦାସ ଅଧ୍ୟାପିକା ସୋନପୁର ମହାବିଦ୍ୟାଳୟ ଯୋଗଦେଇ ସୁରଭି କିପରି ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭାକୁ ଜାଗ୍ରତ କରୁଛି ତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ପଣ୍ଡା ସଂଗୀତ ମାଧ୍ୟମରେ ଉତ୍ସାହିତ କରିଥିଲେ। ମୟୂରଉଡାଣ ସିଆରସିସି ଉମାକାନ୍ତ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ମିନାକ୍ଷୀ ନାୟକ ପ୍ରଧାନ ଶିକ୍ଷୟିତ୍ରୀ ବାବୁପାଲି ଉ. ପ୍ରା. ବିଦ୍ୟାଳୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁଲିତା ମିଶ୍ର, ନୃତ୍ୟ ଶିଳ୍ପୀ ଶ୍ରଦ୍ଧାଞ୍ଜଳି ମିଶ୍ର ଯୋଗଦେଇଥିଲେ ଧନ୍ୟବାଦ ଅର୍ପଣ କରିଥିଲେ ଆଦର୍ଶ ସରକାରୀ ଉ. ପ୍ରା. ବିଦ୍ୟାଳୟ ସନ୍ତୋଷିନୀ ସଡ଼ଙ୍ଗୀ ୧୭୦ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ମେହେର ମାମାମାଧୁରୀ ପଣ୍ଡା, ସୀମା ମହାପାତ୍ର, କବିତାରାଣୀ ପାଢ଼ୀ, ଅନୁପମା ପାଣ୍ଡିଆ ଇପ୍ସିତା ବାରିକ, ରଶ୍ମିତା ପୁରୋହିତ, ପୂର୍ଣ୍ଣିମା ନାୟକ, ଜୟନ୍ତୀ ତରିଆ, ଯଶୋବନ୍ତୀ ମହାପାତ୍ର, ମୋନାଲିଶା ସେଠ ସହଯୋଗ କରିଥିଲେ। ମୋନାଲିଶା ପାରମାନିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜୟନ୍ତୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଦ୍ଧଗୁରୁ ମଠରେ ଆୟୁର୍ବେଦିକ ଓ ପ୍ରାକୃତିକ ଚିକିତ୍ସା ଶିବିର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଂଚାୟତ ସିଦ୍ଧଗୁରୁ ମଠ, ଉମ୍ବରୁଗଡ଼ ଠାରେ ପଶ୍ଚିମ ଓଡିଶା ପ୍ରସିଦ୍ଧ ଆଧ୍ୟାତ୍ମିକ ଅନୁଷ୍ଠିତ ଶ୍ରୀକୃଷ୍ଣ ଚୈତନ୍ୟ ଭ୍ରାମ୍ୟମାଣ ସତସଙ୍ଗ ଦ୍ୱାରା ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମକୁ ଡ଼ମ୍ବରୁଗଡ଼ ମଠରେ ମହନ୍ତ ତ୍ୟାଗୀ ସର୍ବେଶ୍ୱର ଦାସ ମହାରାଜ ଉଦଘାଟନ କରିଥିବାବେଳେ ମୁଖ୍ୟ ପୂଜକ ଭାବେ ବଳରାମ ପାଢ଼ୀ, ପୁରାଣ ବ୍ୟାସ ଭାବେ ଶ୍ରୀରାମ ପଣ୍ଡା, ଭ୍ରାମ୍ୟମାଣ ସତସଙ୍ଗ କଥା ବ୍ୟାସ ମନରଞ୍ଜ ଦାସ ଯୋଗଦେଇ କାର୍ଯ୍ୟକ୍ରମ ତୁଲାଇଥିଲେ । ଭ୍ରାମ୍ୟମାଣ ସତସଙ୍ଗ ଅନୁଷ୍ଠାନର ସଭାପତି ତ୍ରିଲୋଚ୍ଚନ କର୍ଣ୍ଣଙ୍କ ବଳିଷ୍ଠ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚ୍ଚାଳନା ହୋଇଥିବାବେଳେ ଉମ୍ବରୁଗଡ଼ ମଠ ପରିଚ୍ଚାଳନା କମିଟି ସଭାପତି ପୟୋଧର ମହାକୁଳ, ସଂପାଦକ ମନୋଜ ମହାକୁଡ଼,ସହ ସମ୍ପାଦକ ଶ୍ରୀପତି ମହାକୁଡ଼, କୋଷାଧକ୍ଷ ମୟସେନ ରଣା, ସଦସ୍ୟ ଶିବ କର୍ମୀ, ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଏହି ଅବସରରେ ବୈଦ୍ୟଶାଳା, ଛତ୍ରପୁର, ଗାମ ତରଫରୁ ଓ ଗ୍ରାମ୍ୟ ବିକାଶ ପରିଷଦ, ଆମଠାପଡା, ମାହେଶ୍ୱରୀ ଗୋଶାଳା ଓ ଜରା ଆଶ୍ରମ, ମା ମାହେଶ୍ୱରୀ ସେନା ଓ ନମ୍ରତା ଫାଉଣ୍ଡେସନ, ବାଉଁଶୁଣୀ ମିଳିତ ସହଯୋଗରେ ଆୟୁର୍ବେଦିକ ଓ ପ୍ରାକୃତିକ ଚ୍ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ପରାମର୍ଶଦାତା ଭାବେ ଡା ନିରାକାର ବେହେରା ଯୋଗଦେଇ ପରାମର୍ଶ ଦେଇଥିଲେ । ବୈଦ୍ୟଶାଳା କାର୍ଯ୍ୟକ୍ରମକୁ ସାମାଜିକକର୍ମୀ କୃତ୍ତିବାସ ପଲିଆ, ଗିରିଶଚ୍ଚନ୍ଦ୍ର ବଘାର, ମହେନ୍ଦ୍ର ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ ।

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଗୋପବନ୍ଧୁ ଥିଲେ ଅନ୍ୟତମ କର୍ଣ୍ଣଧାର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଦରିଦ୍ରର ବନ୍ଧୁ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଜନନାୟକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାର ଅଗ୍ରଦୂତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ଏବଂ ଉତ୍କଳ ସାହିତ୍ୟ ସମାଜ ରାୟଗଡ଼ା ଶାଖା ତରଫରୁ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ରାୟଗଡ଼ା ଶାଖା ସଭାପତି ତଥା ଓକିଲ ସଂଘ ସଭାପତି ବ୍ରଜ ସୁନ୍ଦର ନାୟକ, ଉତ୍କଳ ସାହିତ୍ୟ ସମାଜ ର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍,ସମାଜସେବୀ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି,ସମ୍ପାଦକ ଶିବ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ କାର୍ତ୍ତିକ ମିଶ୍ର, ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡକ୍ଟର ରାଜେଶ ପାଢ଼ୀ ଏବଂ ସହ-ସମ୍ପାଦକ ତଥା ସମାଜସେବୀ ସୁଦର୍ଶନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ତୁତିଚାରଣ କରିଥିଲେ।



# ଡିଗ୍ରୀ କଲେଜ ପକ୍ଷରୁ ୩୩ୟୁନିଟ ରକ୍ତ ସଂଗ୍ରହ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ ଜିଲ୍ଲା ପଦମପୁର ସ୍ଥିତ ଜମଲା ଡ଼ିଗ୍ରୀ କଲେଜ, ଜମଲା, ଜାତୀୟ ସେବା ଯୋଜନା, ୟୁଥ୍ ଆସୋସିଏସନ୍ କ୍ଲବ ଓ ନିଷ୍ପା ପରିବାର ର ମିଳିତ ଆନୁକୁଲ୍ୟରେ ଜମଲା ଡ଼ିଗ୍ରୀ କଲେଜ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଅତିଥି ଭାବରେ କଲେଜ ର ସଭାପତି କଳାକହ୍ନେଇ ପଧାନ, କଲେଜ ପ୍ରିନ୍ସିପାଲ ଡ. ସ୍ୱାଧୀନ ପଧାନ, ସୁମନ୍ତ କୁମାର ବାଜପେୟୀ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିର ରୁ ସର୍ବମୋଟ ୩୩ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥଲା। ପ୍ରାୟତଃ ଅନେକ ରକ୍ତ ଦାତା ପ୍ରଥମ ଥର ରକ୍ତ ଦେଇ ଥିଲେ ଓ ଅତ୍ୟନ୍ତ ଖୁସୀ ଅନୁଭବ କରିଥିଲେ।ରକ୍ତ ଦାନ ଶିବିର ଆୟୋଜନ ପାଇଁ ଜମଲା ଡ଼ିଗ୍ରୀ କଲେଜ କୁ ନିଷ୍ପା ପରିବାର ତରଫରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ଶିବିର କୁ ନିଷ୍ପା ପରିବାରର ସଦସ୍ୟ ଓ କଲେଜ କର୍ତ୍ତୃପକ୍ଷ ସୁପରିଚାଳନା କରିଥଲେ। ସମସ୍ତ ରକ୍ତ ଦାତା କଲେଜ କର୍ତ୍ତୃପକ୍ଷ ସହଯୋଗୀ ଓ ଶୁଭେଚ୍ଛୁ ମାନଙ୍କୁ ନିଷ୍ପା ପରିବାର ତରଫରୁ ହୃଦୟରୁ ବହୁତ୍ ବହୁତ୍ ଧନ୍ୟବାଦ୍।



# ଟ୍ରେଡ ୟୁନିଅନ ପକ୍ଷରୁ ଉତ୍କଳମଣୀଙ୍କୁ ଶ୍ରଦ୍ଧାଞ୍ଜଳୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଭାରତ ବର୍ଷ ସ୍ୱାଧୀନତା ଆନ୍ଦୋଳନର ଆଗଧାଡିର ନେତା ସମାଜ ସଂସ୍କାରକ, ସମାଜସେବୀ, ଶିକ୍ଷାବିତ, କବି, ପଞ୍ଚସଖା ର ଅଗ୍ରଣୀ ନେତା ଉତ୍କଳ ମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଏକ ସ୍ମରଣୀୟ ସଭା ଉପ ଶ୍ରମ ଆୟୁକ୍ତ, ସୁବର୍ଣ୍ଣପୁରଙ୍କ ଦପ୍ତର ପ୍ରାଙ୍ଗଣରେ ଶ୍ରମିକ ନେତା କର୍ମଯୋଗୀ ଗୋବିନ୍ଦ ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ଗାମ୍ଭିର୍ଯ୍ୟପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇ ଉତ୍କଳ ମଣୀ ଗୋପବନ୍ଧୁ ଦାସଙ୍କ ପ୍ରତି ଜନ୍ମଦିନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲାର ସମସ୍ତ କାର୍ଯ୍ୟରତ ଶ୍ରମିକ ସଂଗଠନର ନେତୃମଣ୍ଡଳୀ ଯୋଗଦେଇଥିଲେ। ସଭାପତି ଗୋବିନ୍ଦ ମହାରଣା ଙ୍କ ସମେତ ସୂର୍ଯ୍ୟକାନ୍ତ ରାଉଲ, ରମେଶ ନନ୍ଦ, ବାଗେଶ୍ୱର ଷାଣ୍ଡ, କୃଷ୍ଣଚନ୍ଦ୍ର କର୍ମ, ଗୋପବନ୍ଧୁ ଦାସଙ୍କ ଜୀବନ ସଂଗ୍ରାମର ବିଭିନ୍ନ ଦିଗ ଆଲୋଚନା କରି ବିଶେଷ କରି ବ୍ରିଟିଶ୍ ରାଜରେ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଶ୍ରମିକ ସଂଗଠନ ଗଢ଼ି ଶ୍ରମିକ ଶ୍ରେଣୀକୁ ଶୋଷଣରୁ ମୁକ୍ତ କରିବା ପାଇଁ ଯେଉଁ ସାଧନା ଓ ନିଷ୍ପାପର ସଂଗ୍ରାମ ଜାରି ରଖିଥିଲେ ତାଉପରେ ଆଲୋକପାତ କରିଥିଲେ।

# ସିଦ୍ଧବାରଙ୍ଗ ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ପୁନଙ୍ଗ ସ୍ଥିତ ସିଦ୍ଧ ବାରଙ୍ଗ ଡିଗ୍ରୀ କଲେଜର ରାଜନୈତିକ ବିଜ୍ଞାନ ବିଭାଗ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜର ଅଧକ୍ଷ ଅମିୟ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ।ପ୍ରଥମେ ଦ୍ୱିତୀୟ ଓ ତୃତୀୟ ବର୍ଷର ପିଲାମାନେ ପ୍ରଥମ ବର୍ଷର ପିଲାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କଲେଜର ପ୍ରନପ୍ରତିଷ୍ଠାତା ବିଜୟ କୁମାର ଗୋସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପିଲାମାନଙ୍କୁ ପାଠ ପଢ଼ିବା ସହିତ ସଂସ୍କାରୀ ହେବା ଓ ସଂସ୍କୃତି ସମ୍ପନ୍ନ ହେବାଉପରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା କଳ୍ପନା ସାହୁ ପିଲାମାନଙ୍କୁ ରାଜନୀତି ସମାଜ ସହିତ କିପରି ଅଙ୍ଗାଙ୍ଗୀ ଭାବେ ଜଡିତ ତାହା ଉପରେ ଆଲୋକପାତ କରିଥିଲେ।




କଲେଜର ବାଣୀକ୍ଷେତ୍ର ସମ୍ମାନ ପାଇଥିବା ଇଂରାଜୀ ଅଧାପକ ଦେବଦତ୍ତ ବେହେରାଙ୍କୁ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ମୁଖ୍ୟ ଅତିଥି ଗୋସ୍ୱାମୀ ସମ୍ବର୍ଦ୍ଧନା କରିଥିଲେ। ଚଳିତ ବର୍ଷ କଲେଜର ବେଷ୍ଟ ଗ୍ରାଜୁଏଟ ଭାବରେ ଅଙ୍କିତା ସ୍ୱାଇଁ ଓ ୯୦ ପ୍ରତିଶତ ଉପସ୍ଥାନ ରଖିଥିବା ସ୍ମିତାଞ୍ଜଳୀ ବେହେରାଙ୍କୁ ମୁଖ୍ୟ ଅତିଥି ଗୋସ୍ୱାମୀ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଭିକାରି ଚରଣ ବେହେରା, ଅଧାପିକା ସ୍ମୃତି ସ୍ମରଣିକା ବିଶ୍ୱାଳ, ଶୁଭସ୍ମିତା ଖଣ୍ଡୁଆଳ, ସୁଶ୍ରୀ ଲାବନ୍ୟବତୀ ପରିଡ଼ା, କନକଲତା ଦାସ, ଜ୍ୟୋତିର୍ମୟୀ ଖୁଣ୍ଟିଆ, ଅନନ୍ୟା ମହାନ୍ତି, ଅଧାପକ ଦେବାଶିଷ ମହାପାତ୍ର, ସତ୍ୟନାରାୟଣ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପିଲାମାନଙ୍କ ମଧ୍ୟରେ ସୋମ୍ୟଶ୍ରୀ ରାଉତରାୟ, ଶ୍ରୀତାଞ୍ଜଳି ବେହେରା, ସୁଶ୍ରୀ ପ୍ରଜ୍ଞା ପରମିତା ପଣ୍ଡା ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଶେଷରେ ଅଧକ୍ଷ ଶ୍ରୀଯୁକ୍ତ ଦାସ ପିଲାମାନଙ୍କୁ କଲେଜର ନିୟମ କାନୁନ ସମ୍ପର୍କ ରେ ଅବଗତ କରିଥିଲେ।

# ଜିଲ୍ଲା ଓକିଲ ସଂଘ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାଓକିଲସଂଘ ପକ୍ଷରୁକୋର୍ଟ ପରିସରରେ ଥିବା ଉତ୍କଳମଣୀ ପଣ୍ଡିତଗୋପବନ୍ଧୁ ଦାସଙ୍କ ପ୍ରତିମୁର୍ତ୍ତୀରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା ପରେ ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶ, ଜୀବନୀ ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଆଲୋଚନାରେ ଉପସଭାପତି ନୃସିଂହ ଚରଣ ରାଉତ, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ସାମ୍ବାଦିକ ମହମ୍ମଦ ଇଲ୍ଲିଆସ, ହରି ପ୍ରସାଦ କର, ପ୍ରାର୍ଥ ଚକ୍ରବର୍ତ୍ତୀ, ମନୋରଞ୍ଜନ ବେହେରା, ଆଶୁତୋଷମହାନ୍ତି, ଧନଞ୍ଜୟ ଦାସ, ପ୍ରଭାତରଞ୍ଜନ ପ୍ରଧାନ, ପ୍ରିୟମ୍ବଦା ନନ୍ଦ ଚୌଧୁରୀ ପ୍ରମୁଖଙ୍କ ସହିତ ବହୁ ଆଇନ୍‌ଜିବୀ ଓ ସମାଜସେବୀ ଉପସ୍ଥିତ ଥିଲେ।

# ସଦ୍ୟ ପ୍ରସବା ମା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସପ୍ତାହ ଭାବେ ପାଳନ କରିବା ପାଇଁ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଅନୁ ଗର୍ଗ, ଆଇ.ଏ .ଏସ ଙ୍କ ନିର୍ଦ୍ଦେଶ ସହିତ କମିଶନର ତଥା ସ୍ୱାସ୍ଥ୍ୟ ସଚିବ ଅସ୍ୱତୀ. ଏସ, ଭା. ପ୍ର. ସେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଚିଠି ଅନୁସାରେ କେନ୍ଦ୍ରାପଡା ଜିଲ୍ଲାରେ ଜିଲ୍ଲାପାଳ ରଘୁରାମ. ଆୟରଙ୍କ ଚିଠି ମାଧ୍ୟମରେ ଏହି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପାଳନ କରାଯାଇଥିଲା ଏଥିରେ ଅକ୍ଟୋବର ମାସରେ ସମ୍ଭାବ୍ୟ ପ୍ରସବ ତାରିଖ ଥିବା ଗର୍ଭବତୀ ମହିଳା ୮୭୮ ଓ ସେମାନଙ୍କ ମଧ୍ୟରୁ ୩୩୮ ଜଣ ବିପଦ ସଙ୍କୁଳ ଗର୍ଭବତୀ (୩୮.୫ ପ୍ରତିଶତ) ଏବଂ ସେପ୍ଟେମ୍ବର ମାସରେ ପ୍ରସୂତୀ ମାଆ ୧୪୯୫ ଜଣଙ୍କୁ ଗୃହ ପରିଦର୍ଶନ କରି ସେମାନଙ୍କର ସ୍ୱାସ୍ଥ୍ୟ ପରିସ୍ଥିତିକୁ ସମୀକ୍ଷା 'ଓ ଡି





କେ ଟୁଲକୀଟ' ମାଧ୍ୟମରେ ଗୃହ ପରିଦର୍ଶନ କରି ଉଭୟ ମାଆ ଓ ଶିଶୁ ସୁରକ୍ଷା ଓ ବିପଦ ଲକ୍ଷଣ ଚିହ୍ନଟ କରାଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏହି ସପ୍ତାହରେ ଅତିଶୟ ବିପଦପୂର୍ଣ୍ଣ ମାଆ ଯେଉଁ ମାନଙ୍କ ହିମୋଗ୍ଲୋବିନ୍ ସ୍ତର ୭ ଗ୍ରାମ ରୁ କମ ଏପରିକି ୪ ଗ୍ରାମ ରୁ ବି କମ ସେମାନଙ୍କୁ କେନ୍ଦ୍ରାପଡା ପୁରୁଣା ମେଡିକାଲ ରେ ସ୍ଥିତ ବ୍ଲଡ ବ୍ୟାଙ୍କ୍ ରୁ ୨୨ ଜଣ ଙ୍କୁ ରକ୍ତ ପ୍ରଦାନ କରାଯାଇଥିଲା ( ଏ + ଗ୍ରୁପ୍ -୪, ବି + ଗ୍ରୁପ୍ -୯, ଏ ବି + ଗ୍ରୁପ୍ -୩, ଓ + ଗ୍ରୁପ୍ - ୪ ଏବଂ ଓ - ଗ୍ରୁପ୍ - ୨) ଏହି କାର୍ଯକ୍ରମକୁ ଗୋଷ୍ଠୀ ସ୍ତରରେ ବହୁମୁଖୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସୁପରଭାଇଜର ମାନେ ଘରକୁଘର ଯାଇ ଗର୍ଭବତୀ, ପ୍ରସୂତୀ, ନବଜାତ ମାନଙ୍କର ସ୍ୱାସ୍ଥ୍ୟ ସମୀକ୍ଷା କରିଥିଲେ ଉଭୟ ଜିଲ୍ଲା ଓ ବ୍ଲକ୍ ସ୍ତରରୁ ଅଧିକାରୀମାନେ ତଦାରଖ କରିଥିଲେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ କିଭଳି ଭାବେ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁକୁ ନିୟନ୍ତ୍ରଣ କରିବା ତଦାରଖ କାରୀ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ, ଏ ଡି ଏମ୍ ଓ ମେଡିକାଲ, ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରି, ସମସ୍ତ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ - ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ସମେତ ଅନ୍ୟ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମେଡିକାଲ ଅଫିସର୍ ଇନ-ଚାର୍ଜ ମାନଙ୍କ ସହିତ ସେକ୍ଟର ଏମ୍ ଓ, ବି ପି ଏମ୍, ବି ଡି ଏମ୍, ପିଏଚଇ ଓ ପ୍ରଭୃତି ଗୃହ ପରିଦର୍ଶନ କରିଥିଲେ। ଆଶା, ଏହିପରି ଲଗାତାର ଭାବରେ ବିପଦ ସଙ୍କୁଳ ଗର୍ଭବତୀ ମାନଙ୍କ ପାଇଁ ଅଧିକ ଯତ୍ନ ସହିତ ସେବା ଯୋଗାଇଲେ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ଚଳିତ ବର୍ଷ କମିବ ବୋଲି ବିଶେଷ ଆଶା କରାଯାଉଛି। ବ୍ଲଡ ବ୍ୟାଙ୍କରେ ଡାକ୍ତର ମାନସ କୁମାର ଜେନା, ଦୀପକ କୁମାର ବିଶ୍ୱାଳ ଏବଂ ରାକେଶ କୁମାର ମିଶ୍ର ସହଯୋଗିତା କରୁଛନ୍ତି କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ ସହଯୋଗ କରୁଛନ୍ତି।

# ରଣଜୀ ଟ୍ରଫି ପାଇଁ ଗୁଜରାଟ ଗସ୍ତରେ ଓଡ଼ିଶା କ୍ରିକେଟ୍ ଦଳ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ରଣଜୀ ଟ୍ରଫିରେ ଅଭିଯାନ ଆରମ୍ଭ କରିବାକୁ ୧୭ ଜଣିଆ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ୍ ଦଳ ଗୁଜରାଟ ଗସ୍ତ କରିଛି। ବିସିସିଆଇ ଘରୋଇ ସିଜନ୍ ୨୦୨୬-୨୭ ଅନ୍ତର୍ଗତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ବି ଗ୍ରାଉଣ୍ଡରେ ଗୁଜରାଟକୁ ଭେଟିବ। ଦଳର ନେତୃତ୍ୱ ନେବେ ସୁଭ୍ରାଂଶୁ ସେନାପତି। ଦଳରେ ସ୍ୱସ୍ତିକ ସାମଲ, ଓମ୍ ଟି ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭାରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଆଶୀର୍ବାଦ ସ୍ୱାଇଁ, ଦିନେଶ ମାଝୀ, ନିନାଦ ରାଠୱା, ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ସୌମ୍ୟ ଲେଙ୍କା, ସମ୍ବିତ ବେଜା, ସୟଦ ତୁଫୈଲ ଅହମଦ ଓ ବାଦଲ ବିଶ୍ୱାଳ ସ୍ଥାନ ପାଇଛନ୍ତି। ଓଡ଼ିଶା ଦଳର ସପୋର୍ଟ ଷ୍ଟାଫ୍‌ରେ ମୁଖ୍ୟ ପ୍ରଶିକ୍ଷକ ପ୍ରବଞ୍ଜନ ମଲ୍ଲିକ, ସହକାରୀ ପ୍ରଶିକ୍ଷକ ପ୍ରୀତମଜିତ ଦାସ, ଆଡମିନ୍ ମ୍ୟାନେଜର ସତବୀର ସିଂହ ରିଆର, ଅବଜର୍ଭର ନଟରାଜ ବେହେରା, ଫିଜିଓ ରୋନି ଛତର୍ଜୀ, ଏସ୍ ଆଣ୍ଡ ସି କୋଚ୍ ସଞ୍ଜୀବ ଦାସ, ଭିଡିଓ ଆନାଲିଷ୍ଟ ଶାରଦା ବିଶ୍ୱାଳ, ସାଇଡ୍‌ଆର୍ମ ଥ୍ରୋଅର ଶ୍ରୁତି ସାଗର ପରିଡ଼ା ଓ ମାସିଅର୍ କପିଳ ବୁନ୍ଦେଲା ରହିଛନ୍ତି। ଗୁଜରାଟ ମ୍ୟାଚ୍ ପରେ ଓଡ଼ିଶା ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ଥିରୁବନନ୍ତପୁରମ୍‌ରେ କେରଳ ବିପକ୍ଷରେ ଖେଳିବ। ଏହାପରେ ଅକ୍ଟୋବର ୨୬ରୁ ଭୁବନେଶ୍ୱରରେ ସର୍ଭିସେସ୍, ନଭେମ୍ବର ୨ରୁ ଝାଡ଼ଖଣ୍ଡ ଏବଂ ଜାନୁଆରୀ ୧୭, ୨୦୨୭ରୁ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଦିଲ୍ଲୀ ବିପକ୍ଷରେ ମ୍ୟାଚ୍ ଖେଳିବ। ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକରେ ଓଡ଼ିଶା ମହାରାଷ୍ଟ୍ର ଓ ବେଙ୍ଗଲକୁ ମଧ୍ୟ ଭେଟିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଦଳର ସଫଳତା କାମନା କରିଛନ୍ତି।



ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# କମ୍ପାନୀ ଉପରେ ମହଙ୍ଗା ମାଡ଼ : ବଢ଼ୁଛି ଉତ୍ପାଦନ ଖର୍ଚ୍ଚ, କମିବ ଲାଭ

ଦରଦାମ ଚାପ ଖାଲି ଆମ୍ ଆଦମୀଙ୍କ ଉପରେ ନୁହେଁ, କମ୍ପାନିଗୁଡ଼ିକ ବି ଏହା ପ୍ରଭାବରେ ଦବିଗଲେଣି । କଞ୍ଚାମାଲ ଏବଂ ଅନ୍ୟ ପ୍ରମୁଖ କମୋଡିଟି ଦର ବଢ଼ିବା କାରଣରୁ ଦୈନନ୍ଦିନ ବ୍ୟବହାର ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନିଗୁଡ଼ିକର ଖର୍ଚ୍ଚ ବଢ଼ି ଚାଲିଛି । ତେବେ ସେପ୍ଟେମ୍ବର ତ୍ରୟମାସରେ ଏହି କମ୍ପାନିଗୁଡ଼ିକର ଲାଭ କମିବା ଆଶଙ୍କା ରହିଛି । ଏଭଳି ପରିସ୍ଥିତିରେ ବି କିଛି କମ୍ପାନିଙ୍କ ରାଜସ୍ୱ ୧୦%ରୁ ଅଧିକ ବଢ଼ିବା ଆଶା ରହିଛି । ବ୍ରୋକରେଜ କମ୍ପାନି ଆଇସିଆଇସିଆଇ ଡାଇରେକ୍ଟ ନିକଟରେ ଏହାର ଏକ ରିପୋର୍ଟରେ ଉଲ୍ଲେଖ କରିଛି ଯେ, ପ୍ୟାକେଜିଂରେ ବ୍ୟବହାର ହେଉଥିବା ଅଶୋଧିତ ତୈଳ ଏବଂ ଏଥିରୁ ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଦରରେ ବୃଦ୍ଧି ସହିତ ଅନ୍ୟାନ୍ୟ କମୋଡିଟି ଦର ବୃଦ୍ଧି କମ୍ପାନିଗୁଡ଼ିକର ଚାପ ବଢ଼ାଇଦେଇଛି । ଏହାବ୍ୟତୀତ କେତେକ ପ୍ରାନ୍ତରେ କମ୍ ବୃଷ୍ଟିପାତ ଯୋଗୁ କୃଷି ଉତ୍ପାଦନ ଏବଂ ଗ୍ରାମୀଣ ଚାହିଦା ପ୍ରଭାବିତ ହେବା ଆଶଙ୍କା ରହିଛି । ଏହାର ପ୍ରଭାବ ବି କମ୍ପାନିଗୁଡ଼ିକର ବ୍ୟବସାୟ ଏବଂ ଲାଭ ଉପରେ ପଡ଼ିପାରେ । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୟମାସରେ ଅଧିକାଂଶ ଏମସିଜି କମ୍ପାନିଗୁଡ଼ିକର ପ୍ରଦର୍ଶନ ମିଶ୍ରିତ ରହିପାରେ । କେତେକ କମ୍ପାନିଗୁଡ଼ିକର ବିକ୍ରିରେ ଦୁଇ ଅଙ୍କ ବୃଦ୍ଧି ଘଟିପାରେ । କିନ୍ତୁ କମୋଡିଟି ଦର ବୃଦ୍ଧି ଯୋଗୁ ପରିଚାଳନା ଲାଭକ୍ଷେତ୍ରରେ ଅଭିବୃଦ୍ଧି କମ୍ ରହିପାରେ । ଦେଶର ଅଧିକାଂଶ ପ୍ରାନ୍ତରେ କମ୍ ବୃଷ୍ଟିପାତ ଯୋଗୁ କୃଷି ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ରହିଛି । ଗ୍ରାମୀଣ ଚାହିଦା ସଂକୁଚିତ ହୋଇପାରେ । ଖାଦ୍ୟ ମୁଦ୍ରାସ୍ଫୀତି ଆଗକୁ ବଢ଼ିବା ଦ୍ୱାରା ସହରାଞ୍ଚଳରେ ବି ଚାହିଦା ପ୍ରଭାବିତ ହୋଇପାରେ । ରିପୋର୍ଟରେ ଏହି ଅନୁମାନ କରାଯାଇଛି ଯେ, ଆର୍ଥିକବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୟମାସରେ ବର୍ଦ୍ଧିତ ଖର୍ଚ୍ଚ କମ୍ପାନିଗୁଡ଼ିକ ଉପରେ ଚାପ ପକାଇପାରେ ।

ଏଫଏମସିଜି କମ୍ପାନିଗୁଡ଼ିକ ପରିସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ପାରାସୁଟ୍ ନଡ଼ିଆ ତେଲ ଏବଂ ସଫୋଲା ଭଳି ବ୍ରାଣ୍ଡ୍ ପାଇଁ ଜଣା କମ୍ପାନି ମାରିକୋ ପ୍ରକାଶ କରିଛି ଯେ, ସେପ୍ଟେମ୍ବର ତ୍ରୟମାସରେ ଅଶୋଧିତ ତୈଳ ସହ ଜଡ଼ିତ ଉତ୍ପାଦଗୁଡ଼ିକ ଦର ବଡ଼ ଆକାରରେ ବଢ଼ିଛି । ଏହା ସତ୍ତ୍ୱେ କମ୍ପାନି ଭଲ ଲାଭ କରିବ ବୋଲି ଆଶାବାଦୀ ରହିଛି । ଅନ୍ୟପକ୍ଷରେ, ଗୋଦରେଜ୍ କଞ୍ଜ୍ୟୁମର ପ୍ରଡକ୍ଟସ କଞ୍ଚାମାଲ ଦର ବୃଦ୍ଧିକୁ ନେଇ ଚିନ୍ତା ବ୍ୟକ୍ତ କରିଛି । କମ୍ପାନିର କେତେକ ପ୍ରମୁଖ ବ୍ରାଣ୍ଡ୍ ଯଥା ହିଟ୍, ଗୁଡନାଇଟ୍, ଗୋଦରେଜ୍ ନମ୍ବର-୧ ଏବଂ କମୋଡିଟିର ବର୍ଦ୍ଧିତ ଦରର ପ୍ରଭାବ ପଡ଼ିଥିବା ଜଣାପଡ଼ିଛି ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ସମ୍ପର୍କ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ସୃଷ୍ଟି ଇଶ୍ୱରଙ୍କର ଏ ଜଗତରେ ଯାହାସବୁ ଅଛି ଏସବୁ ପ୍ରଭୁଙ୍କର । ତେଣୁ ଏ ଜଗତରେ ତୁମେ ଏପରି ଭାବରେ ସମ୍ପର୍କ ଯୋଡ ଯେପରି ପଛରେ ଭାବିବାକୁ ନ ପଡେ । ସମ୍ପର୍କ ଯୋଡିବା ଭାରି ସହଜ କିନ୍ତୁ ସମ୍ପର୍କକୁ ହୃଦୟରେ ଚାପି ରଖିବା ଭାରି କଷ୍ଟ । ଯଦି ସମ୍ପର୍କରେ ଛଳନା ଥିବ ତାହାଲେ ଭାରି କଷ୍ଟ । ତେଣୁ ସମ୍ପର୍କରେ ସବୁବେଳେ ସରଳତା ମାର୍ଗରେ ନିଅ । ସେ ସମ୍ପର୍କ ସଂସାରରେ ହେଉ କି ସମାଜରେ ହେଉ ନିଷ୍ଠାର ସହିତ ପାଳନ କଲେ ସେ ଗୋଟେ ବିଶାଳ ସେତୁ ପାଲଟିଯାଏ। କଠିନତା ସରଳ ହୋଇଯାଏ । କଷ୍ଟ ଲାଘବ ହୋଇଯାଏ । ବିଶାଳ କର୍ମ କ୍ଷୁଦ୍ର ପାଲଟିଯାଏ । ବା ସୂକ୍ଷ୍ମ ହୋଇଯାଏ । ବିପଦ ସମ୍ପଦ ପାଲଟିଯାଏ । ତେଣୁ ସମ୍ପର୍କ ଭୂତରେ ପବିତ୍ରତା ଥିବା ନିହାତି ଜରୁରି ଯଦି ସମ୍ପର୍କ ଭିତରେ ପବିତ୍ରତା ନାହିଁ ସେ ସମ୍ପର୍କ ସମ୍ପର୍କ ନୁହେଁ । ସେ କିଛିଦିନ ଭିତରେ ଶତ୍ରୁତାର ରୂପ ନେଇଥାଏ । ତେଣୁ ହେ ଭକ୍ତ, ହେ ଶିଷ୍ୟ ପ୍ରଥମରୁ କହିଥାଏ । -ବ୍ୟାଧି ଅଳପ ହୋଇ ସଞ୍ଚରଇ, ହେଳା ମାତ୍ରକେ ପରାଣ ମାରଇ ଭସ୍ମ କୁଢରେ ଅଗ୍ନିକଣା ଥାଇ, ମନ୍ଦ ପବନେ ବଳିଷ୍ଠ ହୁଅଇ ।

ତେଣୁ ଯଦି ସମ୍ପର୍କରେ କ୍ରେତା ଅଛି ବୋଲି ଜାଣିବ ତାହାଲେ ତାକୁ ସଙ୍ଗେ ସଙ୍ଗେ ସୁଧାରିନେବ । ଯେତେ ଶିଘ୍ର ପାର ସେତ ଶିଘ୍ର ସମାଧାନ କରିଦେଲେ ଉଭୟଙ୍କ ପାଇଁ ଭଲ ନଚେତ ହେଳା କଲେ ଯେପରି ଭେଳା ବୁଡେ ସେହିପରି ଅବସ୍ଥା ଭୋଗିବାକୁ ପଡିଥାଏ । ସମ୍ପର୍କରେ ଅଂହଙ୍କାର ରଖନାହିଁ । ପ୍ରେମର ସ୍ରୋତରେ ସମ୍ପର୍କକୁ ଗଢି ତୋଳି ଦେଖିବ ସେ ସମ୍ପର୍କରେ ଫଳ ଏତେ ମିଠା ଲାଗିବ ତୁମେବି ଭାବିଲେ ଭାବି ପାରିବ ନାହିଁ । ଏହାହିଁ ସତ୍ୟ । ହରିଓଁ ।

# ଶକ୍ତି ଉପାସନାର ବୈଜ୍ଞାନିକ ମହତ୍ତ୍ୱ



ହେମନ୍ତ କୁମାର ଗନ୍ତାୟତ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ, ଅଧ୍ୟାପକ
କବିସୂର୍ଯ୍ୟ ନଗର
ମୋ-୯୮୬୧୩୩୪୮୬୮

ଆମ ସନାତନ ଧର୍ମର ସଂସ୍କୃତି ଅତୀବ ମହାନ୍ ଏବଂ ବିଜ୍ଞାନ ସମ୍ମତ । ଏହାର ବ୍ୟବହାରିକ ଏବଂ ଆଧ୍ୟାତ୍ମିକ କର୍ମାଦି, ବିଜ୍ଞାନ - ଦାର୍ଶନିକ ତତ୍ତ୍ୱାଦି ଉପରେ ଆଧାରିତ । ତେଣୁ ଏହି ଧର୍ମ ଯୁଗ ଯୁଗ ଧରି ମାନବ ସମାଜକୁ ଦିଗଦର୍ଶନ ଦେଇଚାଲିଛି । ସେଥିମଧ୍ୟରୁ ଗୋଟିଏ ହେଉଛି 'ଶକ୍ତି ଉପାସନା' । ଏହି ତାତ୍ତ୍ୱିକ (ଶକ୍ତି ଉପାସନା ) ତତ୍ତ୍ୱକୁ ଜାଣିବାକୁ ହେଲେ, ସର୍ବ ପ୍ରଥମେ ଏହାର ଶାବ୍ଦିକ ଓ ଦାର୍ଶନିକ ଅର୍ଥକୁ ବୁଝିବାକୁ ହେବ । ଯେପରି ଶକ୍ତି ଶବ୍ଦର ସଂସ୍କୃତ ଅର୍ଥ 'କାୟଜନନସାମର୍ଥ୍ୟମ୍' । ଅର୍ଥାତ୍ କାୟ ନାମ ଶରୀର ବା କୋଶ ସମୂହ, ଜନନ ନାମ ଉତ୍ପନ୍ନ କରିବା ଏବଂ ସାମର୍ଥ୍ୟମ୍ ନାମ କ୍ଷମତା । ସରଳ ଭାଷାରେ କହିବାକୁ ଗଲେ, ଯେ ସମସ୍ତ ବିଷୟ ସୃଷ୍ଟି କରିବାରେ ସମର୍ଥା ସେ ହେଉଛି ଶକ୍ତି । ବିଜ୍ଞାନ ଅନୁସାରେ, କାର୍ଯ୍ୟ କରିବାର ସାମର୍ଥ୍ୟକୁ ଶକ୍ତି ମଧ୍ୟ କୁହାଯାଏ । ସେଭଳି ଉପାସନାର ଅର୍ଥ ସେବା ବା ଶୁଶ୍ରୂଷା, ସଂସ୍କୃତରେ 'ଉପାସନମିତି' ( ନିକଟରେ ବସିବା) କୁହାଯାଇଛି । ଅର୍ଥାତ୍ ଯାହାଙ୍କ ସମୀପରେ ବସି ଧ୍ୟାନକଲେ ତାହାଙ୍କ ଗୁଣାଦି ହୃଦୟରେ ସଞ୍ଚାରିତ ହୁଏ ଏବଂ ପବିତ୍ରତା, ଶାନ୍ତି ଓ ଆନନ୍ଦ ମିଳେ ତାହାକୁ ଉପାସନା କୁହାଯାଏ । ଯାହା ଆଜିର ସମୟରେ ସଭିଙ୍କ ପାଇଁ ଅପରିହାର୍ଯ୍ୟ ।

ଏହି ଶକ୍ତିକୁ ନେଇ ଆଧୁନିକ ପଦାର୍ଥ ବିଜ୍ଞାନ କହେ ଯେ; ବ୍ରହ୍ମାଣ୍ଡର କୌଣସି ବି ବସ୍ତୁ ସ୍ଥାୟୀ ନୁହେଁ, ସବୁ କିଛି ଶକ୍ତିର ଏକ ରୂପାନ୍ତର ମାତ୍ର । ଆଲବର୍ଟ ଆଇନଷ୍ଟାଇନଙ୍କ ପ୍ରସିଦ୍ଧ ସୂତ୍ର ଇ=ଏମସି୨ ପ୍ରମାଣିତ କରେ ଯେ, ବସ୍ତୁତ୍ୱ (Matter) ଏବଂ ଶକ୍ତି (Energy) ପରସ୍ପରଠାରୁ ଭିନ୍ନ ନୁହନ୍ତି, ବରଂ ଗୋଟିଏ ଅନ୍ୟରେ ଦେଖାଯାଉଥିବା ରୂପ । ଏ ଉପରେ ଆମ ଭାରତୀୟ ଋଷିମାନେ ହଜାର ହଜାର ବର୍ଷ ପୂର୍ବରୁ ଏହି ସତ୍ୟକୁ ଦର୍ଶନ ଶାସ୍ତ୍ର ମାଧ୍ୟମରେ ପ୍ରକାଶ୍ୟ କରିଛନ୍ତି । ସେମାନେ କହିଥିଲେ ଯେ ସଂସାରର ପ୍ରତ୍ୟେକ କଣିକାରେ 'ଚିତ୍-ଶକ୍ତି' ବା ଚୈତନ୍ୟ ଶକ୍ତି ବିଦ୍ୟମାନ ରହିଛି । ଯାହା ବିଶ୍ୱ ବ୍ରହ୍ମାଣ୍ଡର ମୂଳ ଆଧାର । ଏହା ଦ୍ୱାରା ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟ ନିୟନ୍ତ୍ରିତ ହୋଇଥାଏ । ଆମ୍ଭେମାନେ ଯେଉଁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କାଳୀ, ସରସ୍ୱତୀ ଓ ଲକ୍ଷ୍ମୀ କିମ୍ବା ନବଦୁର୍ଗା ଏବଂ ଦଶମହାବିଦ୍ୟାଙ୍କୁ ପୂଜା କରୁ, ସେମାନେ ପ୍ରକୃତରେ ପ୍ରକୃତିର ବିଭିନ୍ନ ଶକ୍ତି ଉତ୍ସର ପ୍ରତୀକ ଅଟନ୍ତି । ତେଣୁ ଦେବୀ ମାହାତ୍ମ୍ୟରେ କୁହା ଯାଇଛି: 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା' ।

ଏ ଶକ୍ତିକୁ ନେଇ ସାଂଖ୍ୟ ଦର୍ଶନର ପ୍ରବର୍ତ୍ତକ ମହର୍ଷି କପିଳ କହିଛନ୍ତି ଯେ, ପ୍ରକୃତି (ଶକ୍ତି) ହେଉଛି ସମଗ୍ର ବ୍ରହ୍ମାଣ୍ଡର ମୂଳ କାରଣ । ସାଂଖ୍ୟ ମତରେ ସମଗ୍ର ସୃଷ୍ଟିରେ ଦୁଇଟି ମୂଳ ତତ୍ତ୍ୱ ରହିଛି, ଯଥା: ପ୍ରକୃତି ଓ ପୁରୁଷ । ପ୍ରକୃତି ସତ୍ତ୍ୱ, ରଜଃ ଓ ତମଃ ତ୍ରିଗୁଣର ଅଧିକାରୀଣୀ । ଏହି ଗୁଣ ଗୁଡ଼ିକ ଯେତେ ପର୍ଯ୍ୟନ୍ତ ସନ୍ତୁଳିତ ଥାଆନ୍ତି, ସୃଷ୍ଟି ଅବ୍ୟାକୃତ ଅବସ୍ଥାରେ ରହିଥାଏ ଏବଂ ଯେତେବେଳେ ସନ୍ତୁଳନ ବିଗିଡ଼ିଯାଏ ସୃଷ୍ଟିର ବିକାଶ ପ୍ରକ୍ରିୟା ଆରମ୍ଭ ହୁଏ । କିନ୍ତୁ ସାଂଖ୍ୟ ମତରେ ପୁରୁଷ ନିଷ୍କ୍ରିୟ ଓ ଶୁଦ୍ଧ ଚେତନମୟ । ଏ ପୁରୁଷ କୌଣସି କାର୍ଯ୍ୟ କରନ୍ତି ନାହିଁ, ବରଂ କେବଳ ସାକ୍ଷୀ ଭାବେ ରହନ୍ତି । ଯେବେ ପ୍ରକୃତି ଏବଂ ପୁରୁଷ ପରସ୍ପର ନିକଟତର ହୁଅନ୍ତି, ସେ ସମୟରେ ସୃଷ୍ଟିର ସର୍ଜନା ହୋଇଥାଏ । ପରନ୍ତୁ ଭୌତିକ ବିଜ୍ଞାନର ନିୟମ ଅନୁସାରେ, ବ୍ରହ୍ମାଣ୍ଡରେ ଥିବା ମୋଟ ଶକ୍ତିର ପରିମାଣ ସର୍ବଦା ସମାନ ବା ସ୍ଥିର ରହେ । ଏହି ଶକ୍ତିକୁ କେବେ ସୃଷ୍ଟି କରାଯାଇପାରିବ ନାହିଁ କିମ୍ବା ନଷ୍ଟ କରିହେବ ନାହିଁ । ଏହା କେବଳ ନିଜର ରୂପ ବଦଳାଇଥାଏ । ଉଦାହରଣ: ଯେତେବେଳେ ଆମେ ହାତ ଦୁଇଟିକୁ ଘଷନ୍ତି, ସେତେବେଳେ ହାତର ଯାନ୍ତ୍ରିକ ଶକ୍ତି ଦ୍ୱାରା ତାହା ତାପଜ ଶକ୍ତିରେ ରୂପାନ୍ତରିତ ହୋଇଯାଏ । ଶକ୍ତି ଏଠାରେ ନଷ୍ଟ ହୁଏନାହିଁ, କେବଳ ରୂପ ବଦଳାଏ । ଯାହାକୁ ସାଂଖ୍ୟ ଦର୍ଶନର 'ସତ୍କାର୍ଯ୍ୟବାଦ' ସିଦ୍ଧାନ୍ତରେ କୁହାଯାଇଛି: 'ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ' ଅର୍ଥାତ୍, ଯାହା ଶୂନ୍ୟ ବା ଅସତ୍ୟ, ସେଥିରୁ କିଛି ସୃଷ୍ଟି ହୋଇପାରିବ ନାହିଁ ଏବଂ ଯାହା ସତ୍ୟ ବା ଅଛି, ତାର କେବେ ସମ୍ପୂର୍ଣ୍ଣ ବିନାଶ ହୋଇପାରିବ ନାହିଁ ।

ଶକ୍ତିର ମହତ୍ତ୍ୱ ଓ ଗୁରୁତ୍ୱ ଉପରେ ବେଦାଦି ମନ୍ତ୍ରରେ ମଧ୍ୟ ଦେଖାଯାଏ । ଦେବୀ ସୂକ୍ତମ୍‌ରେ କୁହାଯାଇଛି ଯେ:

ଅହଂ ରୁଦ୍ରେଭିର୍ବ ସୁଭିଶ୍ଚରାମ୍ୟହମାଦିତ୍ୟୈରୁତବିଶ୍ୱଦେୈଃ ।
ଅହଂ ମିତ୍ରାବରୁଣୋଭା ବିଭର୍ମ୍ୟହମିନ୍ଦ୍ରାଗ୍ନୀ ଅହମଶ୍ୱିନୋଭା ?

ଏଠାରେ ସ୍ୱୟଂ ବାକ୍ ଦେବୀ (ପରମାଶକ୍ତି) କହୁଛନ୍ତି—'ମୁଁ ହିଁ ରୁଦ୍ର, ବସୁ, ଆଦିତ୍ୟ ଏବଂ ସମସ୍ତ ବିଶ୍ୱଦେବଙ୍କ ସ୍ୱରୂପରେ ବିଚରଣ କରେ । ମୁଁ ହିଁ ମିତ୍ର,ବରୁଣ, ଇନ୍ଦ୍ର, ଅଗ୍ନି ଓ ଅଶ୍ୱିନୀକୁମାର ଦ୍ୱୟଙ୍କୁ ଧାରଣ କରିଛି ।' ଅର୍ଥାତ୍ ବ୍ରହ୍ମାଣ୍ଡର ସମସ୍ତ ଶକ୍ତିର ଆଧାର ମୁଁ ହିଁ ଅଟେ । ସେଭଳି ଶ୍ୱେତାଶ୍ୱତର ଉପନିଷଦର ବ୍ରହ୍ମ-ଶକ୍ତି ମନ୍ତ୍ରରେ ବର୍ଣ୍ଣିତ ଅଛି: 'ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ ସ୍ୱାଭାବିକୀ ଜ୍ଞାନବଳକ୍ରିୟା ଚ' । ଅର୍ଥାତ୍ ବେଦାନ୍ତ ଅନୁସାରେ, ସେହି ପରମାତ୍ମାଙ୍କର ଶକ୍ତି ପରମ (ସର୍ବଶ୍ରେଷ୍ଠ) ଏବଂ ଏହା ବିଭିନ୍ନ ରୂପରେ ପ୍ରକାଶିତ ହୁଏ । ତାଙ୍କର ଜ୍ଞାନ, ବଳ ଏବଂ କ୍ରିୟା ସ୍ୱାଭାବିକ ବା ସ୍ୱତଃସ୍ଫୂର୍ତ୍ତ ଅଟେ । ସେହିପରି ବୈଦିକ ଦେବୀ ସୂକ୍ତ ମନ୍ତ୍ରରେ ଉଲ୍ଲେଖ ରହିଛି:

'ଅହଂ ରାଷ୍ଟ୍ରୀ ସଂଗମନୀ ବସୂନାଂ ଚିକିତୁଷୀ ପ୍ରଥମା ଯଜ୍ଞିୟାନାମ୍ ।
ତାଂ ମା ଦେବା ବ୍ୟଦଧୁଃ ପୁରୁତ୍ରା ଭୂରିସ୍ଥାତ୍ରାଂ ଭୂର୍ଯ୍ୟାବେଶୟନ୍ତୀମ୍ ?'

ଅର୍ଥ: ମୁଁ ହିଁ ସମଗ୍ର ସଂସାରର ସ୍ୱାମିନୀ (ରାଷ୍ଟ୍ରୀ), ଧନ ପ୍ରଦାନକାରୀ ଏବଂ ବ୍ରହ୍ମକୁ ଜାଣିଥିବା ଜ୍ଞାନୀମାନଙ୍କ ମଧ୍ୟରେ ପ୍ରଥମା । ପରମ ଚୈତନ୍ୟା ରୂପରେ ବିଭିନ୍ନ ଦେବତାମାନେ ମୋତେ ବିଭିନ୍ନ ସ୍ଥାନରେ ପୂଜା କରନ୍ତି, କାରଣ ମୁଁ ପ୍ରତ୍ୟେକ ଜୀବ ମଧ୍ୟରେ ଅନ୍ତର୍ଯ୍ୟାମିନୀ ରୂପରେ ବାସ କରେ । ଏହି ତତ୍ତ୍ୱକୁ ଉପଲବ୍ଧି କରି ଆମର ପୂର୍ବ ସୁରିମାନେ ବିବିଧ ଉପାୟ ମାଧ୍ୟମରେ ଭାରତୀୟ ସଂସ୍କୃତିରେ ଏହାକୁ ସ୍ଥାନିତ କରିଛନ୍ତି । କାରଣ ବିନା ଶକ୍ତିରେ କୌଣସି କାର୍ଯ୍ୟର ଉତ୍ପତ୍ତି ଅସମ୍ଭବ । ଆମେ ଜାଣିଛେ ଗ୍ରହ ଓ ନକ୍ଷତ୍ରମାନଙ୍କର ପ୍ରଭାବ ଜୀବଜଗତ ଉପରେ ପଡ଼ିଥାଏ ଏବଂ ସୂର୍ଯ୍ୟଙ୍କ ଚଳନ ଯୋଗୁଁ ଋତୁ ପରିବର୍ତ୍ତନ ହୁଏ । ସାଧାରଣତଃ ଛଅ ଋତୁ ମଧ୍ୟରୁ ଚାରୋଟି ଋତୁ ଶକ୍ତି ଉପାସନା ନିମନ୍ତେ ପ୍ରଶସ୍ତ; ଯଥା: ଗ୍ରୀଷ୍ମ, ବର୍ଷା , ଶରତ ଓ ବସନ୍ତ । କାରଣ ଏହାର ପଛରେ ଗଭୀର ଦାର୍ଶନିକ ଓ ବୈଜ୍ଞାନିକ କାରଣ ଲୁଚି ରହିଛି । ଏହି ଋତୁମାନଙ୍କୁ ଜଳବାୟୁ ପରିବର୍ତ୍ତନର ସନ୍ଧିକ୍ଷଣ ବୋଲି ଧରାଯାଏ, ଏହା ସିଧାସଳଖ ମାନବ ଶରୀର ଓ ପ୍ରକୃତି ଉପରେ ପ୍ରଭାବ ପକାଇଥାଏ । ବିଜ୍ଞାନ ଅନୁସାରେ,ଏହି କାଳରେ ପାଣିପାଗରେ ବଡ଼ ଧରଣର ପରିବର୍ତ୍ତନ ହୋଇଥାଏ । ଯାହାଫଳରେ ବାୟୁମଣ୍ଡଳରେ ଜୀବାଣୁ ଓ ଭୂତାଣୁ ଆଦି ସକ୍ରିୟ ହୋଇ ଉଠନ୍ତି, ଏଥିଯୋଗୁଁ ମାନବ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ ଘଟେ । ଏସବୁର ନିରାକରଣ ପାଇଁ ବ୍ରତ, ଉପବାସ ଏବଂ ସାତ୍ତ୍ୱିକ ଆହାର ଗ୍ରହଣ କରିବା ନିୟମ କରାଯାଇଛି । ତେଣୁ ଏ ସମୟରେ ହାଲୁକା ବା ସୀମିତ ଖାଦ୍ୟ ଖାଇଲେ ପାଚନ ତନ୍ତ୍ର ସୁସ୍ଥ ରହେ ଏବଂ ଶରୀରରୁ ଦୂଷିତ ପଦାର୍ଥ ବାହାରିଯାଏ ।

ଆଧ୍ୟାତ୍ମିକ ଓ ଦାର୍ଶନିକ ଶାସ୍ତ୍ର ଅନୁଯାୟୀ ଶିବଙ୍କୁ ପୁରୁଷ ଏବଂ ଶକ୍ତିଙ୍କୁ ପ୍ରକୃତି ବୋଲି କୁହାଯାଇଛି । ଯେତେବେଳେ ପ୍ରକୃତି ନିଜର ରୂପ ବଦଳାଏ ବା ଋତୁ ପରିବର୍ତ୍ତନ ହୁଏ, ସେତେବେଳେ ଜଗତର ମଙ୍ଗଳ ପାଇଁ ଆଦ୍ୟାଶକ୍ତିଙ୍କୁ ଆରାଧନା କରାଯାଏ । ଯେପରି ଆଶ୍ୱିନରେ ଶାରଦୀୟ, ଚୈତ୍ରରେ ବାସନ୍ତିକ, ଆଷାଢ଼ ଓ ମାଘ ମାସରେ ଗୁପ୍ତ ନବରାତ୍ର ଭାବରେ । ଏହାକୁ ପାଳନ କରିବା ଦ୍ୱାରା ଆମର ଆତ୍ମବିଶ୍ୱାସର ବୃଦ୍ଧି ଘଟିଥାଏ ଏବଂ ମାନସିକ ସ୍ତରରେ ଆମ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଭଳି ଆସୁରିକ ପ୍ରବୃତ୍ତି ଗୁଡ଼ିକ ନାଶ ହୋଇଥାଏ । ଏଥି ସହିତ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୁଏ, ଯାହା ଶକ୍ତି ଉପାସନା ବା ପୂଜାର ମୁଖ୍ୟ ଉଦ୍ଦେଶ୍ୟ ।

ଭାରତୀୟ ସଂସ୍କୃତିରେ ଶକ୍ତି ଉପାସନା କେବଳ ଧାର୍ମିକ କର୍ମକାଣ୍ଡ ନୁହେଁ, ବରଂ ଏହା ଏକ ଆଧ୍ୟାତ୍ମିକତା ଆଭରଣରେ ଆବୃତ୍ତର ସମ୍ପୂର୍ଣ୍ଣ ବିଜ୍ଞାନ । ଅନେକ ସମୟରେ ଧାର୍ମିକ ରୀତିନୀତିକୁ କେବଳ ଅନ୍ଧବିଶ୍ୱାସ ବୋଲି ଭାବି ନିଆଯାଏ, କିନ୍ତୁ ଶକ୍ତି ଉପାସନା ପଛରେ ଗଭୀର ବିଜ୍ଞାନର ବିଶେଷ କାରଣ ଓ ମନୋବୈଜ୍ଞାନିକ ରହସ୍ୟ ଲୁଚି ରହିଛି । ଯାହାକୁ ଆମର ପୂର୍ବପୁରୁଷମାନେ ଅନୁଭବ କରି, ବିଜ୍ଞାନର ଜଟିଳ ତତ୍ତ୍ୱକୁ ସାଧାରଣ ଲୋକଙ୍କ ସହଜ ବୋଧଗମ୍ୟ କରିବା ପାଇଁ ଏହାକୁ ପୂଜା ଓ ପରମ୍ପରା ନାମରେ ରୂପ ଦେଇ ଯାଇଛନ୍ତି । ଆଜିର ଆଧୁନିକ ସମାଜରେ ଯଦି ଆମେ ଏହାର ବୈଜ୍ଞାନିକ ମହତ୍ତ୍ୱକୁ ବୁଝି ଶକ୍ତି ଉପାସନା କରିବା, ତେବେ ଆମେ ଶାରୀରିକ, ମାନସିକ ଏବଂ ପରିବେଶଗତ ସ୍ତରରେ ଉପକୃତ ହୋଇପାରିବା ।

# ପିତୃପକ୍ଷ ଓ ମହାଳୟା



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରାଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

ସ୍ରଷ୍ଟା ଓ ସୃଷ୍ଟି, ସଂସାରରେ ଏକ ଗୂଢ ରହସ୍ୟ । ସ୍ରଷ୍ଟାଙ୍କ ନିର୍ଦ୍ଦେଶ ଓ ସୃଷ୍ଟିର ନିୟମାନୁସାରେ ପ୍ରତ୍ୟେକ ମଣିଷ ତା' ଜୀବନ କାଳରେ 'ଜନ୍ମ' ଓ ମୃତ୍ୟୁ ଭଳି ଦୁଇଟି ନିଶ୍ଚିତ ସତ୍ୟକୁ ସାମ୍ନା କରିଥାଏ ଯାହା ଏହା ଜୀବନ ପରିଧିର ଆରମ୍ଭ ଓ ଶେଷ । ସେଥିପାଇଁ କୁହାଯାଇଛି "ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ବି ମରଇ" ଏହା ଶାଶ୍ୱତ ଚିରନ୍ତନ । । ମୃତ୍ୟୁ ହିଁ ଗୋଟିଏ ଜୀବନର ଅନ୍ତ ଘଟାଇଥାଏ । ଅର୍ଥାତ୍ ଏ ସବୁକୁ ସାମ୍ନା କରି ସଂସାରରେ ଅନେକ ଇହଧାମ ତ୍ୟାଗ କରିଛନ୍ତି ଏବଂ ଆମେ ମାନେ ସେହି ମାନଙ୍କ ବଂଶର ଜଣେ ଜଣେ ବଂଶଧର ବା ଉତ୍ତରାଧିକାରୀ । ସେମାନଙ୍କ ଅନେକ କଷ୍ଟ ଓ ତ୍ୟାଗ ହିଁ ଦେଇଛି ଆମମାନଙ୍କୁ ସମାଜରେ ବଞ୍ଚିବା ର ପରିଚୟ । ସମୟର ଗତାନୁଗତି ଓ କ୍ରମପରିବର୍ତ୍ତିତ ସ୍ରୋତରେ ଅନେକ ପିଢି ଏଗୁଡ଼ିକୁ ସାମ୍ନା କରି ଇହଧାମ ତ୍ୟାଗ କରିସାରିଲାଣି । ଆମକୁ ମନେ ରଖିବାକୁ ପଡିବ ଯେ ଆମେ ହେଉଛୁ ସେହି ପିଢି ବା ବଂଶର ଦାୟାଦ ବା ଉତ୍ତରାଧିକାରୀ । ପୂର୍ବଜ ମାନଙ୍କ ଅନେକ କଷ୍ଟ, ଆଦର୍ଶ ଓ ତ୍ୟାଗ ଆମକୁ ସମାଜରେ ତିଷ୍ଠି ରହିବା ପାଇଁ ଅନେକ ପ୍ରେରଣା ଦେଇଥାଏ । ତେଣୁ କୃତଜ୍ଞତା ସ୍ୱରୂପ ଆମେ ସେହି ପୂର୍ବଜ ମାନଙ୍କୁ ଶ୍ରଦ୍ଧା ଓ ବିନୟ ମାଧ୍ୟମରେ ସେମାନଙ୍କୁ ସ୍ମରଣ କରିବା ଏକ ଆଦର୍ଶ ମାନବିକତାର ପରିଚୟ । ସନ୍ତାନ ମାନଙ୍କ ପ୍ରତି 'ପିତା'ଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ 'ମାତା' ଙ୍କ ମମତା ସର୍ବଦା ଅତୁଳନୀୟ । ସୁତରାଂ ଜୀବିତ ଅବସ୍ଥାରେ ସେମାନଙ୍କ ପ୍ରତି ଆମର ଦାୟିତ୍ୱ, କର୍ତ୍ତବ୍ୟ ଓ ଭଲପାଇବା ଏକାନ୍ତ କାମ୍ୟ । ସେମାନଙ୍କ ଅବର୍ତ୍ତମାନରେ ମଧ୍ୟ ଆମେ ସେମାନଙ୍କୁ ଯଥାସାଧ୍ୟ ଶ୍ରଦ୍ଧା ଓ ସୁମନ ଅର୍ପଣ କରିବା ସହିତ ସେମାଙ୍କ ସ୍ୱରୂପଙ୍କୁ ସ୍ମରଣ କଲେ ଅନେକ ଦୁଃଖ କଷ୍ଟ ହରିଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ମହାଭାରତ ସମୟର କଥା,ଏକଦା ଯକ୍ଷଙ୍କ ଏକ ଜଟିଳ ପ୍ରଶ୍ନର ଉତ୍ତର, ଧର୍ମରାଜ ଯୁଧିଷ୍ଠିର ଅତି ଚତୁରତାର ସହ ନିଭାଇଥିଲେ ଯାହା ସମଗ୍ର ମନୁଷ୍ୟ ସମାଜ ପାଇଁ ଏକ ପ୍ରଥପ୍ରଦର୍ଶକ । ଯକ୍ଷଙ୍କ ଏକ ପ୍ରଶ୍ନ– ପୃଥିବୀ ଠାରୁ ବଡ଼ କିଏ ? ଉତ୍ତର ଥିଲା "ମାତା", ପରବର୍ତ୍ତୀ ପ୍ରଶ୍ନ – ଆକାଶ ଠାରୁ ବଡ଼ କିଏ ? ଉତ୍ତରଟି ଥିଲା "ବାପା'', ଅନ୍ୟ ଏକ ଜଟିଳ ପ୍ରଶ୍ନ– ସଂସାରରେ ସବୁଠାରୁ ସୁଖୀ ମଣିଷ ଜଣକ କିଏ ? ଧର୍ମରାଜ ଯୁଧିଷ୍ଠିରଙ୍କ ସ୍ପଷ୍ଟ ଉତ୍ତର ଥିଲା "ଋଣ ମୁକ୍ତ ଲୋକଟି ସଂସାରରେ ସବୁଠାରୁ ସୁଖୀ ଲୋକ । ଜୀବନ କାଳ ମଧ୍ୟରେ ଆମେ କେତେକ ଋଣ ଭାର ବହନ କରିଥାଉ ତନ୍ମଧ୍ୟରୁ ଦେବଋଣ, ଋଷିଋଣ, ପିତୃଋଣ, ଗୁରୁଋଣ, ସାମାଜିକ ଦାୟିତ୍ୱ ବୋଧ ଋଣ ଓ ଅନ୍ୟାନ୍ୟ ଆର୍ଥିକ ଋଣ ଯେକୌଣସି ଉତ୍ସରୁ ହୋଇପାରେ । ଦେବତାଙ୍କ ଦିବ୍ୟଚେତନା ଦ୍ୱାରା ଶିଶୁଟି ପ୍ରଥମେ ଭୂମିଷ୍ଠ ହୋଇ କୁଆଁ କୁଆଁ ଡାକି ମାନବବାଦର ସଂକେତ ପ୍ରଦାନ କରିଥାଏ । ତେଣୁ ପ୍ରଥମେ ଦେବତା ମାନଙ୍କ ପାଖରେ ଋଣୀ । ପରେ ପରେ ବଂଶର ଗୋତ୍ର ଅନୁଯାୟୀ ବିଭିନ୍ନ ଋଷିଙ୍କ ଦିବ୍ୟ ଚେତନା ବଳରେ ଆମର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରି ଜୀବନରେ ଅନେକ ସମସ୍ୟାକୁ ସାମ୍ନା କରିଥାଉ, ସେଥିପାଇଁ ଆମେ ଋଷିଙ୍କ ପାଖରେ ଋଣୀ । ଯେଉଁ ଦୁଇ ଜଣଙ୍କ ପାଇଁ ଆମେ ଦୁନିଆ ଦେଖୁ ସେମାନେ ହେଉଛନ୍ତି ଆମର "ପିତା ଓ ମାତା" ତେଣୁ ତାଙ୍କ ପାଖରେ ଆମେ ସର୍ବଦା ଋଣୀ । ଶିକ୍ଷା ଗୁରୁ ହିସାବରେ ଆମର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଖରେ ଆମେ ଋଣୀ, ସାମାଜିକ ପ୍ରାଣୀ ହେତୁ ସାମାଜିକ ଦାୟିତ୍ୱବୋଧ ପାଇଁ ସମାଜ ପାଖରେ ଋଣୀ, ଶେଷରେ ଆମର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟାନ୍ୟ ଉତ୍ସରୁ କରିଥିବା ଆର୍ଥିକ ଋଣ ଲାଗି ଆମେ କୌଣସି ବ୍ୟକ୍ତି ବିଶେଷ ଓ ସଂସ୍ଥା ମାନଙ୍କ ପାଖରେ ଋଣୀ । ଏହି ପରିପେକ୍ଷିରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଙ୍କ ଭାଷାରେ " ସାମାଜ ମୋତେ କରିଛି ବଡ, ଶୁଝିବି ଋଣ ନ ହୋଇ ଜଡ" ଅର୍ଥାତ ଜୀବିତ ଅବସ୍ଥା ନିଜ ସାମର୍ଥ ମୁତାବ ସାହାଯ୍ୟ, ସହଯୋଗ ନିଜର ସାମାଜିକ ଦାୟିତ୍ୱ ବୋଧ ଋଣ ପରିଶୋଧ କରିବାରେ ବିଶେଷ ସହାୟକ ହେବ । ତେଣୁ ଆମେ ଏ ସମସ୍ତଙ୍କ ପାଖରେ କୃତଜ୍ଞ ହୋଇ ଜୀବ ଦଶା ମଧ୍ୟରେ ଯଥା ସମ୍ଭବ ଋଣ ପରିଶୋଧ କରିବା ହେବ ଏକ ମହନୀୟ କାର୍ଯ୍ୟ । ଏବେ ଆସିବା ମୂଳ କଥାକୁ ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ଏକ ଗତାନୁଗତିକ ପ୍ରକ୍ରିୟା ବୋଲି ବିଶ୍ୱାସ କରାଯାଏ । ଜୀବାତ୍ମାର ମୃତ୍ୟୁ ନାହିଁ, ଏହା ଗୋଟିଏ ଶରୀରରୁ ଚାଲିଗଲେ ତାହା ପାର୍ଥିବ ଶରୀରରେ ପରିବର୍ତ୍ତିତ ହୋଇ ପଞ୍ଚଭୂତରେ ଲୀନ ହୋଇଯାଏ, ସେତେବେଳେ ଉକ୍ତ ଆତ୍ମା ଈଶ୍ୱରଙ୍କ ନିକଟରେ ଆଶ୍ରୟ ନେଇଥାଏ । ଈଶ୍ୱର ପୁନଶ୍ଚ ଜୀବାତ୍ମାର କର୍ମକୁ ତର୍ଜମା କରି ଆଉ ଏକ ଜୀବାତ୍ମାରେ ପ୍ରବେଶ କରାଇ ଅନ୍ୟ ଏକ କର୍ମ ର ଅଯମାରମ୍ଭ କରିଥାନ୍ତି, ଯାହାକୁ ପୁନର୍ଜନ୍ମ ବୋଲି କୁହାଯାଏ । ଏପରି ଏକ ଘଟଣା କ୍ରମେ, ମହାଦାନୀ କର୍ଣ୍ଣଙ୍କ ମହାପରାୟଣ ପରେ ତାଙ୍କର ସମସ୍ତ କର୍ମର ତର୍ଜମା କରି ତାଙ୍କୁ ଖାଦ୍ୟ ଗ୍ରହଣ ପାଇଁ ଅନେକ ସ୍ୱର୍ଣ୍ଣ, ହୀରା ଓ ରୌପ୍ୟ ଆଦି ଅଳଙ୍କାର ଦିଆ ଯାଇଥିଲା ଯାହା କର୍ଣ୍ଣଙ୍କୁ ଆଚମ୍ଭିତ କରିଥିଲା, ତାଙ୍କର ଦାନ କାର୍ଯ୍ୟର ତର୍ଜମାରେ ଜଣାଗଲା ଯେ ଜୀବାବସ୍ଥାରେ ସେ କାହାକୁ ଅନ୍ନ ଦାନ କରିନଥିଲେ ସେଥିପାଇଁ ତାଙ୍କୁ ଭକ୍ଷଣ ନିମନ୍ତେ ଅନ୍ନ ପରିବର୍ତ୍ତେ ସୁନା, ରୂପା ଅଳଙ୍କାର ମାନ ଦିଆ ଯାଇଥିଲା । ଦେବରାଜ ଇନ୍ଦ୍ରଙ୍କପରାମର୍ଶ ଅନୁଯାୟୀ ଦାନବୀର କର୍ଣ୍ଣଙ୍କୁ ପନ୍ଦର ଦିନ ପାଇଁ ପୁନର୍ବାର ମର୍ତ୍ତ୍ୟ କୁ ପଠା ଯାଇଥିଲା ଯାହାକୁ ପିତୃ ପକ୍ଷ ବୋଲି କୁହାଯାଏ । ତଦନୁଯାୟୀ କର୍ଣ୍ଣ ମର୍ତ୍ତ୍ୟକୁ ଆସି ନିଜ ଆତ୍ମୀୟ ଓ ଅନ୍ୟ ମାନଙ୍କୁ ଅନ୍ନ ଦାନରେ ଆପ୍ୟାୟିତ କରି ସ୍ୱର୍ଗାରୋହଣ କରିଥିଲେ । ବିଶ୍ୱାସ କରାଯାଏ ମୃତାତ୍ମାମାନେ ଏହି ପକ୍ଷରେ ନିଜର ଆତ୍ମୀୟଙ୍କ ଶ୍ରଦ୍ଧା ଓ ତିଳ ତର୍ପଣ ଦ୍ୱାରା ତୃପ୍ତି ଲାଭ ନିମନ୍ତେ ଆଶା ରଖିଥାନ୍ତି । ସେଥିପାଇଁ ଆମେ ଦିବଂଗତ ଆତ୍ମାର ଶାନ୍ତି ପାଇଁ ଶ୍ରଦ୍ଧା ସୁମନ ଅର୍ପଣ କରି 'ଶ୍ରାଦ୍ଧ' ମାଧ୍ୟମରେ ଆବାହନ କରୁ । ଅତଏବ 'ଶ୍ରାଦ୍ଧ' ହେଉଛି ପିତୃପୁରୁଷଙ୍କ ପ୍ରତି ଆମର ଶ୍ରଦ୍ଧା ଓ ଭଲପାଇବାର ସନ୍ଦେଶ । ହିନ୍ଦୁ ପରମ୍ପରା ରେ ଦିବଂଗତ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ବର୍ଷର ବିଭିନ୍ନ ତିଥି ( ମୃତ୍ୟୁ ଦିବସ ଅନୁଯାୟୀ) ଶ୍ରାଦ୍ଧ କର୍ମ କରାଯାଏ । ସେଥି ମଧ୍ୟରୁ "ମହାଳୟା ଶ୍ରାଦ୍ଧ" ଅନ୍ୟତମ । ଏହା ପ୍ରତିବର୍ଷ ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇ ଅମାବାସ୍ୟା ରେ ସମାପ୍ତ ହୁଏ । ଜ୍ୟୋତିଷ ଶାସ୍ତ୍ର ମତରେ ସୂର୍ଯ୍ୟ କନ୍ୟା ରାଶି କୁ ଗମନ କଲା ବେଳେ ଯେଉଁ ଅମାବାସ୍ୟା ପଡେ ତାହାକୁ ମହାଳୟା ଅମାବାସ୍ୟା କୁହାଯାଏ । ମହାଳୟା ର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ପିଣ୍ଡ ଦାତାଙ୍କ ଆଳୟରେ ସର୍ବ ଦେବ ଋଷି ଓ ପିତୃ ପୁରୁଷ ଙ୍କୁ ଆବାହନ କରାଯାଉ ଥିବାରୁ ଏହାକୁ ମହାଳୟା ନାମରେ ନାମିତ କରାଯାଇଛି । ଅନ୍ୟ ଏକ ଲୋକ କଥା ଅନୁଯାୟୀ, ଯମ ରାଜା ପିତୃ ଲୋକବାସୀ ଙ୍କୁ ଏହି ସମୟରେ ମର୍ତ୍ତ୍ୟ ଲୋକକୁ ବିଚରଣ ପାଇଁ ଅନୁମତି ଦେଇଥାନ୍ତି । ଫଳରେ ପିତୃପୁରୁଷ ମାନେ ମହା ଆନନ୍ଦରେ ନିଜ ନିଜ ଆଳୟକୁ ବୁଲିବାକୁ ଆସୁ ଥିବାରୁ ଆମେ ଏହାକୁ ପିତୃପକ୍ଷ ବା ଅପରପକ୍ଷ ବୋଲି ନାମିତ କରିଛୁ । ଏହି ପନ୍ଦର ଦିନର ଅବଧି ମଧ୍ୟରେ ଲୋକମାନେ ସେମାନଙ୍କର ଦିବଂଗତ ଆତ୍ମୀୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ନିମିତ୍ତ ତର୍ପଣ ବିଧି ରୀତି ନୀତି କରନ୍ତି । ଏହି ରୀତିନୀତି ସେମାନଙ୍କ ଆତ୍ମାକୁ ସନ୍ତୁଷ୍ଟ କରିବା ରେ ସାହାଯ୍ୟ କରେ ବୋଲି ବିଶ୍ୱାସ କରାଯାଏ । ଏହି ଶ୍ରଦ୍ଧାସୁମନକୁ ଅଧିକ ଭାବୋଦ୍ଦୀପକ କରି, ଦିବଂଗତ ଙ୍କୁ ଭକ୍ତି ପ୍ରଦାନ ନିମିତ୍ତ ବ୍ରାହ୍ମଣ ମାନେ ପ୍ରତ୍ୟହ ଜଳାଶୟ ରେ ପ୍ରାତଃ ତିଳ ତର୍ପଣ ରେ ଆପ୍ୟାୟିତ କରନ୍ତି । ଏଥିରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଆଚାର୍ଯ୍ୟ, ବେଦ, ଗନ୍ଧର୍ବଗଣ, ଦେବଗଣ,ପୁରାଣାଚାର୍ଯ୍ୟ, ସାବାୟବ, ନାଗଗଣ, ଯକ୍ଷ, ଭକ୍ଷ,ସାଗର, ପର୍ବତ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁସ୍ପ ଓ ପୃଥିବୀ ଆଦି କୋଟିଏ ଦେବତାଙ୍କୁ ଗୋଟିଏ ଗୋଟିଏ ଥର, ସାତଋଷି, ସନକ, ସନନ୍ଦ, ସନାତନ କପିଳ, ଆସୁରୀ, ବୋଢୁ ଓ ପଞ୍ଚଶିଖଙ୍କୁ ଦୁଇ ଥର ଓ ପିତୃପୁରୁଷଙ୍କୁ ( ଉଭୟ ପିତା ଓ ମାତା ଙ୍କର ତିନି ପୁରୁଷ )ଙ୍କୁ ତିନିଥର ଜଳ ଅର୍ପଣ କରାଯାଏ । ପିତୃ ତର୍ପଣ ରେ ପିତାଙ୍କୁ ରୁଦ୍ର, ପିତାମହଙ୍କୁ ବସୁ ରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ କଳ୍ପିତ କରଯାଇ ଶ୍ରଦ୍ଧା ସ୍ୱରୂପ ତିଳ ତର୍ପଣରେ ଆପ୍ୟାୟିତ କରାଯାଏ । ପରେ ପରେ ବୈଷ୍ଣଦେବ ବିଧିରେ ଜ୍ୟେଷ୍ଠ ବୋହୂ ରାନ୍ଧିଥିବା ସ୍ୱାଦିଷ୍ଟ ଅନ୍ନ ଦାନ କରି ଗୋଟିଏ ଦିନର ତର୍ପଣ ବିଧି ସମାପ୍ତ କରାଯାଏ । ଏହି ପନ୍ଦର ଦିନ ଘରର ଜ୍ୟେଷ୍ଠ ପୁଅ ବୋହୂ କେତେକ ନିତ୍ୟ କାର୍ଯ୍ୟରୁ ବିରତ ହୁଅନ୍ତି । ଏହା ପଛରେ ଥିବା ଯୁକ୍ତି ସଂଗତ କଥାଟି ହେଉଛି ଦିବଂଗତଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଅର୍ପଣ କରିବାରେ ଏକାଗ୍ରତା ବଢାଇବା । ପ୍ରଥା ଅନୁଯାୟୀ ଏହି ପନ୍ଦର ଦିନ ମଧ୍ୟରେ ମୃତ ବ୍ୟକ୍ତିଙ୍କ(ମୃତ୍ୟୁ ଦିବସ ର) ତିଥୀ ଦିନ ଆମେ ପାର୍ବଣ ଶ୍ରାଦ୍ଧ କର୍ମ କରିଥାଉ । କୌଣସି କାରଣ ବଶତଃ ଏଥିରୁ ବଞ୍ଚିତ ହେଲେ ଆମେ ଶେଷ ଦିନ ଅର୍ଥାତ୍ ମହାଳୟାରେ ସେହି ପାର୍ବଣ ଶ୍ରାଦ୍ଧ କର୍ମ କରିଥାଉ । ପୁନଶ୍ଚ କୌଣସି କାରଣ ପାଇଁ ଏଥିରୁ ବିରତ ହେଲେ ବର୍ଷର ଅନ୍ତିମ ସୁଯୋଗ ଅନୁଯାୟୀ କାର୍ତ୍ତିକ ମାସ ଦୀପାବଳି ଅମାବାସ୍ୟାରେ ପୟାଶ୍ରାଦ୍ଧ ଅର୍ପଣ କରିଥାଉ । ଏହା ଦିବଂଗତ ପିତୃପୁରୁଷଙ୍କ ତ୍ୟାଗର ପ୍ରତିଦାନ ପାଇଁ ଆମର ଶ୍ରଦ୍ଧା ସୁମନ । ଏହି ସମୟରେ ମର୍ତ୍ତ୍ୟବାସୀମାନେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ପୂର୍ବକ ଶ୍ରାଦ୍ଧ ଅର୍ପଣ ନିମନ୍ତେ ପ୍ରୟାଗରାଜରେ ପ୍ରବାହିତ ପବିତ୍ର ଗଙ୍ଗା ନଦୀରେ ସ୍ନାନ କରି 'ଗୟା'ରେ ଅନ୍ତିମ ଶ୍ରାଦ୍ଧ ଦେଇ ଅସ୍ଥି ବିସର୍ଜନ କଲେ ଦିବଂଗତ ପିତୃ ଲୋକମାନେ ପୁନର୍ଜନ୍ମରୁ ମୁକ୍ତି ଲାଭ କରନ୍ତି ବୋଲି ବିଶ୍ୱାସ କରାଯାଏ । କେହି କେହି ମର୍ତ୍ତ୍ୟ ବୈକୁଣ୍ଠ କୁହାଯାଉଥିବା ଶ୍ରୀମନ୍ଦିର ସନ୍ନିକଟସ୍ଥ ପବିତ୍ର ପୁଷ୍କରିଣୀ ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଓ ନରେନ୍ଦ୍ରରେ ମଧ୍ୟ ତିଳ, ତର୍ପଣ ଓ ପିଣ୍ଡଦାନ କରି ମହୋଦଧି ରେ ଅସ୍ଥି ବିସର୍ଜନ କରି ଦିବଂଗତ ଠାରୁ ଆଶୀର୍ବାଦ ଭିକ୍ଷା କରିବା ସହିତ ଉତ୍ତରପିଢିଙ୍କ ସକଳ ଉନ୍ନତି କାମନା କରନ୍ତି । ଏଥିପାଇଁ ଅନ୍ୟ ଏକ ପବିତ୍ର ତୀର୍ଥ କ୍ଷେତ୍ର ଯାଜପୁରସ୍ଥିତ ମା ବିରଜାଙ୍କ ମନ୍ଦିରରେ ଥିବା ନାଭିଗୟାରେ ଅସ୍ଥି ବିସର୍ଜନ କରି ପୁଣ୍ୟଲାଭ କରନ୍ତି । ପୁରାଣ ଶାସ୍ତ୍ର ଅନୁସାରେ ଯଦି ପିତୃପୁରୁଷ ମାନେ ଶ୍ରଦ୍ଧା ରେ ସନ୍ତୁଷ୍ଟ ହୁଅନ୍ତି, ତେବେ ସେମାନେ ସ୍ୱାସ୍ଥ୍ୟ, ଧନ, ଜ୍ଞାନ ଓ ଦୀର୍ଘାୟୁ ଭଳି ଅଖଣ୍ଡ ଆଶୀର୍ବାଦ ପ୍ରଦାନ କରନ୍ତି ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଦେଖାଯାଉଛି ଜୀବିତ ଅବସ୍ଥାରେ ନିଜର ଜନ୍ମିତ ପିଲାମାନେ ବାପା ଓ ମା'ଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାର ଢେର କାର୍ପଣ୍ୟ ଦେଖାଉଛନ୍ତି । ପରିଣତ ବୟସରେ ବୃଦ୍ଧ 'ପିତା ମାତା' ବେସାହାରା ହୋଇ ବୃଦ୍ଧାଶ୍ରମରେ ଶେଷ ସମୟ ବିତାଉଛନ୍ତି, ଏହାଠାରୁ ପରିତାପର ବିଷୟ କଣ ହୋଇପାରେ ? ଆମକୁ ଥରେ ଭାବିବାକୁ ପଡିବ ଯେ, ଯାହାଙ୍କ ପ୍ରତି ଆମେ ଏତେ ନିଷ୍ଠୁର ହେଉଛେ ଆମକୁ ଦିନେ ନା ଦିନେ ସେହି ବୟସକୁ ସାମ୍ନା କରିବାକୁ ପଡିବ । ସୁତରାଂ ଜୀବିତ ଅବସ୍ଥାରେ ନିଜର ପିତା, ମାତା, ଆତ୍ମୀୟ ସ୍ୱଜନ ଓ ଅନ୍ୟମାନଙ୍କ ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ହେବା ସହିତ ତାଙ୍କ ମୁହଁରେ ହସ ଫୁଟାଇବାକୁ ସଂକଳ୍ପ ବଦ୍ଧ ହେବା ହିଁ ହେଉ ମାନବବାଦର ଶାଣିତ ସ୍ୱର । ବର୍ତ୍ତମାନର ବସ୍ତୁବାଦୀ ଦୁନିଆ ଓ ସଙ୍କୁଚିତ ପରମ୍ପରାରେ ବିସ୍ତାରିତ ଶ୍ରଦ୍ଧା ହିଁ ହେବ ପ୍ରକୃତ ମହାଳୟା ପର୍ବର ଆଭିମୁଖ୍ୟ ।

# ପଣ୍ଡିତ କିଏ ?



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ଦୂରଭାଷ - ୯୭୭୮୭୬୪୩୯୪
tripathysk1947@gmail.com

ଆଜିକାଲି ବିଭିନ୍ନ ଲୋକ ସେମାନଙ୍କର ନାଁ ପୂର୍ବରୁ ପଣ୍ଡିତ ଲେଖୁଥିବାର ଦେଖାଯାଉଛି । ଏହା ସେମାନଙ୍କର ଆତ୍ମଘୋଷିତ ପଣ୍ଡିତ ଉପାଧି, କିମ୍ବା କୌଣସି ସଂସ୍ଥା ଦ୍ୱାରା ଏହା ସେମାନଙ୍କୁ ପ୍ରଦତ୍ତ ହୋଇଛି କିମ୍ବା ଲୋକ ମୁଖରେ ସେମାନେ ପରିଚିତ ସେ କଥା ବିଚାର ସାପେକ୍ଷ । ବର୍ତ୍ତମାନ ପର୍ଯ୍ୟନ୍ତ ପଣ୍ଡିତ ଉପାଧି ଲେଖିବାର କୌଣସି ଏକ ନିର୍ଦ୍ଦିଷ୍ଟ ଯୋଗ୍ୟତା ଥିବା କଥା ଆମେ ଜାଣି ନାହାଁନ୍ତି । କାଶ୍ମୀରରେ ବାସ କରୁଥିବା ବ୍ରାହ୍ମଣମାନେ ସାଧାରଣ ଭାବେ ପଣ୍ଡିତ ଉପାଧିଧାରୀ ଥିଲେ । ଉତ୍ତର ଭାରତରେ ବ୍ରାହ୍ମଣମାନଙ୍କୁ ମଧ୍ୟ ପଣ୍ଡିତ କୁହାଯାଏ। ଏଠାରେ ପ୍ରଶ୍ନ ଉଠେ ବ୍ରାହ୍ମଣ ପଦବୀ କ'ଣ ଜନ୍ମ ଆଧାରିତ ନା କର୍ମ ଓ ଜ୍ଞାନ ଆଧାରିତ ? ପୂର୍ବରୁ ସଂସ୍କୃତ ଭାଷାକୁ ବ୍ରାହ୍ମଣମାନଙ୍କର ଭାଷା ଭାବେ ଅଭିହିତ କରାଯାଉଥିଲା । ସେହି ଆଧାରରେ ସଂସ୍କୃତ ଶିକ୍ଷକମାନଙ୍କୁ ଆମେ ପଣ୍ଡିତ ବୋଲି ଡାକୁଥିଲୁ ଯାହା ବର୍ତ୍ତମାନ ପ୍ରାୟତଃ ପ୍ରଚଳିତ ହେଉନାହିଁ । ପଣ୍ଡିତ ମାନଙ୍କର ସଂଜ୍ଞା, ଆଚାର ବ୍ୟବହାରରକୁ ଆଧାର କରି "ଡିସ୍‌କଭରୀ ଅଫ୍ ଇଣ୍ଡିଆ"ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏକ ରୋଚକ ତଥ୍ୟ ରଖିଛନ୍ତି। ଜଣେ ତଥାକଥିତ / ଆତ୍ମଘୋଷିତ ପଣ୍ଡିତ ସବୁବେଳେ ତାଙ୍କ ପେଟରେ ତମ୍ବାରେ ତିଆରି ଏକ ପଟି ଲଗାଇ ବୁଲନ୍ତି । ତାଙ୍କୁ ଯଦି କେହି କେବେ ପ୍ରଶ୍ନ ପଚାରନ୍ତି, ଆଜ୍ଞା ! ଆପଣ ପଟିଟିକୁ ପେଟ ଚାରିପଟେ କାହିଁକି ଗୁଡ଼ାଇଛନ୍ତି ? ସିଏ ଉତ୍ତର ଦିଅନ୍ତି ଆରେ ! କ'ଣ କରିବି, ଦିନକୁ ଦିନ ଜ୍ଞାନର ପରିସୀମା ବଢ଼ି ଚାଲିଛି। ଏମିତି ଏକ ସମୟ ଆସିବ ଆଉ ସେସବୁ ମୋ ପେଟରେ ଧରିବ ନାହିଁ। ତେଣୁ ପେଟ କାଳେ କେତେବେଳେ ଫାଟିଯିବ ସେଇଥିପାଇଁ ମୁଁ ଏହି ଶକ୍ତ ପଟିଟିକୁ ପେଟ ଚାରିପଟେ ଗୁଡାଇଛି। ପ୍ରକୃତରେ ଜ୍ଞାନ ମସ୍ତିଷ୍କରେ ଥାଏ ନା' ପେଟରେ ଥାଏ ? ଜ୍ଞାନର ପରିଧି ଏବଂ ପରିସୀମା ବଢ଼ିଲେ କିମ୍ବା କମିଲେ ତାହା ମଣିଷର ଶରୀର ଓ ମନ ଉପରେ କି ପ୍ରଭାବ ପକାଏ କିମ୍ବା କି ପ୍ରକାର ପରିବର୍ତ୍ତନ ଆଣେ ତାହା ବିଚାର ସାପେକ୍ଷ । ସ୍ଥୂଳ ଦୃଷ୍ଟିରୁ ଦେଖିବାକୁ ଗଲେ ପ୍ରତି ବିଦ୍ୟାରେ ପାଣ୍ଡିତ୍ୟ ଅର୍ଜନର ଭିନ୍ନଭିନ୍ନ ଦିଗ ରହିଛି। ଚିକିତ୍ସା, ଅର୍ଥ, ଶାସ୍ତ୍ର, ଆଦି ବିଭିନ୍ନ ବିଦ୍ୟାରେ ପାରଙ୍ଗମ ବ୍ୟକ୍ତିତ୍ୱମାନଙ୍କୁ ଆମେ ପଣ୍ଡିତ ବୋଲି କହିଥାଉ କିନ୍ତୁ ତା ପାଇଁ ଅଦ୍ୟାବଧି କିଛି ଯୋଗ୍ୟତା ନିର୍ଦ୍ଧାରିତ କରାଯାଇ ପାରିନାହିଁ । ପଣ୍ଡିତ ଏକ ଆପେକ୍ଷିକ ପ୍ରସଙ୍ଗ ଯାହା ସ୍ଥାନ, କାଳ ଓ ପାତ୍ର ଭେଦରେ ମଧ୍ୟ ପରିବର୍ତ୍ତନଶୀଳ । ମହାମୂର୍ଖ କାଳିଦାସ ଯିଏ ନିଜେ ବସିଥିବା ଗଛ ଡାଳକୁ ନିଜ ହାତରେ ଥିବା କଟୁରୀରେ କାଟୁଥିଲେ ସିଏ ମଧ୍ୟ ଦିନେ ମହା ପଣ୍ଡିତ ରୂପେ ସମ୍ମାନିତ ହୋଇଥିଲେ । ପଣ୍ଡିତ ଉପାଧିକୁ ଆଧାର କରି ଆମ ସମାଜର ଅନ୍ୟ ଏକ ବ୍ୟଙ୍ଗାତ୍ମକ କଥା ପ୍ରଚଳିତ ଅଛି ଯାହାକୁ ଆମେ 'ଭୁସପଣ୍ଡିତ' ବୋଲି କହିଥାଉ । ଧାନରୁ ଚାଉଳ କାଢ଼ି ସାରିବା ପରେ ତାର ଖୋସାକୁ କୁଣ୍ଡା ରୂପେ କାଢ଼ି ଦେଇଥାଉ ଯାହା ଗାଉଁଲି ଅର୍ଥରେ 'ଭୁସ' ବୋଲି କୁହାଯାଇଥାଏ । ଚାଉଳ ତୁଳନାରେ ଏହାର ମୂଲ୍ୟ ଢ଼େର କମ୍ ଥାଏ । ସେହିଭଳି ଉପରକୁ ବହୁତ ବାହାସ୍ଫୋଟ ମାରୁଥିବା କିମ୍ବା ନିଜକୁ ଉତ୍ତମ ଭାବେ ସଜ୍ଜିତ କରି ପଣ୍ଡିତଭାବେ ପ୍ରମାଣିତ କରୁଥିବା ଲୋକକୁ ଆମେ 'ଭୁସ ପଣ୍ଡିତ' ବୋଲି କହିଥାଉ ଯିଏ କେବଳ 'ଦେଖା ସୁନ୍ଦର କାକୁଡି ବାଡି' ନ୍ୟାୟରେ ନିଜେ ନିଜକୁ ପଣ୍ଡିତ ବୋଲି ପ୍ରମାଣ କରିବାକୁ ଚାହିଁଥାଆନ୍ତି କିନ୍ତୁ ଏମାନଙ୍କ ପାଖରେ ଜ୍ଞାନ ଗାରିମାର କାଣିଚାଏ ସୁଧା ଦେଖିବାକୁ ମିଳି ନଥାଏ। ପୌରାଣିକ ଦୃଷ୍ଟିରୁ ଭୂଷଣ୍ଡ ମୁନି ନିଜର ତପସ୍ୟା ଏବଂ ଜ୍ଞାନ ବଳରେ ରାମଚନ୍ଦ୍ରଙ୍କର ଅନନ୍ୟ ଗାଥା ଓ ଗାରିମା ଏବଂ ଜନ୍ମ ବୃତ୍ତାନ୍ତ ସମ୍ପର୍କରେ ତତ୍ତ୍ୱ ଏବଂ ତଥ୍ୟ ପ୍ରାପ୍ତ ହୋଇ ତାହାକୁ ସମାଜରେ ବିତରଣ କରିବା ପାଇଁ ପ୍ରଚେଷ୍ଟା କରିଥିଲେ ଯାହାକୁ ପରବର୍ତ୍ତୀ ସମୟରେ 'ଭୂଷଣ୍ଡ ପଣ୍ଡିତ' ଏବଂ ଅପଭ୍ରଂଶ ହୋଇ 'ଭୂଷ ପଣ୍ଡିତ' ନାମରେ ପରିଚିତ ହୋଇଥିଲେ। ଆଉ କେତେକଙ୍କ ମତରେ ପଣ୍ଡା ଶବ୍ଦରୁ ପଣ୍ଡିତର ଉତ୍ପତ୍ତି। ଅର୍ଥାତ୍ ଯେଉଁମାନେ ଠାକୁରଙ୍କ ସେବା ପୂଜା କରୁଥିଲେ ସେମାନଙ୍କୁ ଆମେ ପଣ୍ଡିତ ବୋଲି କହୁଥିଲୁ । କିନ୍ତୁ ଏହି ଠାକୁର ପୂଜା କରିବାକୁ କିଏ ଆତ୍ମ ସାକ୍ଷାତକାର ବୋଲି କହୁଥିବା ବେଳେ ଆଉ କେହି ଏହାକୁ କେବଳ ପ୍ରତିମା ପୂଜା ମଧ୍ୟରେ ସୀମିତ ରଖୁଥିଲେ । ଯେଉଁଥିପାଇଁ ବ୍ରାହ୍ମଣଙ୍କର ସଂଜ୍ଞା ଦ୍ୱିଜ ଏବଂ ବିପ୍ରକୁ ରୂପାନ୍ତରଣ ବୋଲି କୁହାଯାଇଥାଏ । ଶଙ୍କାଚାର୍ଯ୍ୟଙ୍କ ମତରେ "ଯଃ ଶାସ୍ତ୍ରଜ୍ଞ ଅପି ନ ବିଦ୍ୱାନ ଯଃ ବିଦ୍ୱାନ ଅପି ନ ଶାସ୍ତ୍ରଜ୍ଞଃ ଶାସ୍ତ୍ରଜ୍ଞ ଚ ବିଦ୍ୱାନଚ୍ ସଃ ପଣ୍ଡିତ ଉଚ୍ୟତେ" । ଅର୍ଥାତ୍ ଯିଏ ଶାସ୍ତ୍ର ଜାଣେ ଆଉ ତାକୁ ମର୍ମେ ମର୍ମେ ଅନୁଭବ କରେ ସିଏ ହିଁ ପ୍ରକୃତରେ ପଣ୍ଡିତ । ସକାଳୁ ସକାଳୁ ସମାଜରେ ଶାନ୍ତି କାମନା କରି ଶ୍ଳୋକ ପାଠ କରୁଥିବା ଲୋକଟି ଯେତେବେଳେ ନିଜ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି କରେ ସିଏ କ'ଣ ପଣ୍ଡିତ ! ଅନ୍ୟ ପୀଡାରେ ଖୁସି ଅନୁଭବ କରୁଥିବା କିମ୍ବା ଅନ୍ୟର ପୀଡ଼ାରେ ନିରବ ରହିବା ଲୋକ କ'ଣ ସତରେ ପଣ୍ଡିତ ପଦବାଚ୍ୟ ! ବିଚାର ଆପଣମାନଙ୍କର । ରାଜ ପରିବାର ଗୁପ୍ତଚର ଆସି ଖବର ଦେଲା କୌଣସି କାରଣ ବଶତଃ ରାଜଉଆସରେ ଥିବା ଗୁପ୍ତ ସୁଡଙ୍ଗ ଭୁଷୁଡ଼ି ପଡ଼ିଛି । ଏହାର ସମାଧାନ କ'ଣ ବୋଲି ରାଜଦରବାରରେ ଆଲୋଚନା ହେଲା। ଶେଷରେ ସଭାରେ ଉପସ୍ଥିତ ଥିବା ଦୁଇଜଣ ପଣ୍ଡିତଙ୍କୁ ଏହାର ଦାୟିତ୍ୱ ଦିଆଗଲା । ତା'ପରଦିନ ସକାଳୁ ରାଜଦରବାର ଆରମ୍ଭ ହେବା ପୂର୍ବରୁ ପ୍ରଥମ ପଣ୍ଡିତ ଜଣକ ତିଥି ବାର, ନକ୍ଷତ୍ର ହିସାବ କରି କେଉଁ ଦିନ କାର୍ଯ୍ୟାରମ୍ଭ କରିବାକୁ ପଡ଼ିବ ଏବଂ କେଉଁ ରାଜାଙ୍କର କେଉଁ ଗ୍ରହଦୋଷରୁ ଏ ପ୍ରକାର ସମସ୍ୟା ଉପୁଜିଲା ସେ ସମ୍ପର୍କରେ ଏକ ପୁସ୍ତିକା ଧରି ରାଜାଙ୍କୁ ପ୍ରଦାନ କଲେ । ରାଜା ଖୁବ୍ ଖୁସି ହେଲେ ଏବଂ ଗ୍ରହଦୋଷରୁ ରକ୍ଷା ପାଇବା ପାଇଁ ଯାହା ବିଧାନ ଅଛି ତାହା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇ ରାଜଦରବାରକୁ ଗଲେ । କିନ୍ତୁ ଏ କ'ଣ ରାଜ ଦରବାର ସରିବା ପର୍ଯ୍ୟନ୍ତ ଦ୍ୱିତୀୟ ପଣ୍ଡିତଙ୍କର ଦେଖାନାହିଁ । ସମସ୍ତଙ୍କ ମନରେ ଭାଳେଣି ପଡ଼ିଲା, ପଣ୍ଡିତେ କ'ଣ ଏହାର କାରଣ ଓ ନିରାକରଣ ସମ୍ପର୍କରେ କିଛି ସାହାଯ୍ୟ କରିପାରିବେ ନାହିଁ । ରାଜା ମଧ୍ୟ ଚିନ୍ତାରେ ପଡ଼ିଲେ । ସଭା ସାଙ୍ଗ ହେବାକୁ ଯାଉଛି ଦ୍ୱିତୀୟ ପଣ୍ଡିତ ପହଞ୍ଚି ରାଜାଙ୍କୁ କହିଲେ ହଜୁର ! ଆପଣଙ୍କ ସମସ୍ୟାର ସମାଧାନ ହୋଇ ସାରିଛି । ସୁଡ଼ଙ୍ଗରେ ଥିବା କଂକ୍ରିଟ୍‌ରେ ପୂର୍ବରୁ ଫାଟ ଆସିଥିଲା, ନିୟମିତ ରକ୍ଷଣାବେକ୍ଷଣ ଅଭାବରୁ ସୁଡ଼ଙ୍ଗରେ ମୂଷା ମାନଙ୍କର ପ୍ରାଦୁର୍ଭାବ ବଢ଼ି ଯାଇଛି ଯାହା ଫଳରେ ଗାତରେ ପାଣି ପଶି ସୁଡ଼ଙ୍ଗର କିଛି ଅଂଶ ଭୁଷୁଡି ପଡ଼ିଛି । ବର୍ତ୍ତମାନ କଂକ୍ରିଟ୍ ଜାଗାରେ ମରାମତି ହେବା ସହିତ ମୂଷାମାନଙ୍କୁ ଧରାଯିବାର ବ୍ୟବସ୍ଥା ସରିଛି। ସୁଡ଼ଙ୍ଗ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀକୁ ତାଗିଦ୍ କରିବାର ଦାୟିତ୍ୱ ଆପଣଙ୍କର । ଏକଥା ଶୁଣି ରାଜା ସିଧା ଭୁଷୁଡ଼ି ପଡ଼ିଥିବା ଜାଗାକୁ ଯାଇ ଘଟଣାର ଅନୁଧ୍ୟାନ କରି ସତ୍ୟାସତ୍ୟ ଜାଣି ଦ୍ୱିତୀୟ ପଣ୍ଡିତଙ୍କୁ ପୁରସ୍କୃତ କଲେ । ଏଠାରେ ଶାସ୍ତ୍ର ଜ୍ଞାନ ଠାରୁ ଉପସ୍ଥିତ ବୁଦ୍ଧିର ଯେ ଅଧିକ ଆବଶ୍ୟକତା ଥିଲା ତାହା କହିବା ବାହୁଲ୍ୟ ମାତ୍ର । ନିରାପତ୍ତା ଏବଂ ସୁରକ୍ଷା ପାଇଁ ଶାସ୍ତ୍ରଜ୍ଞାନ ସହିତ ସମୟୋପଯୋଗୀ ପଦକ୍ଷେପ ଏବଂ ଗୁଇନ୍ଦା ବିଭାଗର ଗୁରୁ ଦାୟିତ୍ୱକୁ ରାଜା ଅନୁଭବ କଲେ ଯାହା ପ୍ରଥମ ପଣ୍ଡିତଙ୍କ ପାଖରେ ନଥିଲା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ରଣଜୀ ଟ୍ରଫି ୨୦୨୬-୨୭

## ମହିଳା ଏସୀୟ କପ୍ ଯୋଗ୍ୟତା ହାସଲ କଲେ ଭାରତୀୟ ବାଳିକା

**ସେଲାୟାଙ୍ଗ**

ଏଏଫସି ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ୨୦୨୭ ପାଇଁ ଯୋଗ୍ୟତା ହାସଲ କରିଛି ଭାରତ। ମାଲେସିଆର ସେଲାୟାଙ୍ଗସ୍ଥିତ ଏମ୍‌ପି ସେଲାୟାଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନିଜର ଶେଷ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍ 'ଇ' ମ୍ୟାଚ୍‌ରେ ଭାରତ ୪-୦ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଦେବିମା ଦେବୀ ୩୦ତମ ମିନିଟ୍‌ରେ ପେନାଲ୍ଟି ବକ୍ସ ବାହାରୁ ଏକ ଚମତ୍କାର ସଟ୍ ମାଧ୍ୟମରେ ପ୍ରଥମ ଗୋଲ୍ ଦେଇଥିଲେ। ଏହି ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟ୍‌ରେ ପ୍ରୀତିକା ବର୍ମନ ନିକଟରୁ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୨-୦ କରିଥିଲେ। ଏହାର ମାତ୍ର ୬ ମିନିଟ୍ ପରେ ଅନୁଷ୍କା କୁମାରୀ ଆଉ ଏକ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ୮୨ତମ ମିନିଟ୍‌ରେ ନିଧି ପବନ କୁମାର ପ୍ରତିପକ୍ଷ ଗୋଲ୍‌ରକ୍ଷକଙ୍କୁ ଚକ୍‌ମା ଦେଇ ଖାଲି ଗୋଲ୍‌ପୋଷ୍ଟରେ ବଲ୍ ପଠାଇ ଭାରତର ବିଜୟକୁ ୪-୦ରେ ପହଞ୍ଚାଇଥିଲେ। ଏହି ବିଜୟ ସହ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍‌ରେ ସ୍ଥାନ ସୁନିଶ୍ଚିତ କରିଛି। ଚଳିତ ବର୍ଷ ଆୟୋଜିତ ପୁରୁଷ ସଂସ୍କରଣରେ ଭାରତ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲା। ଏଥରର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଭାରତୀୟ ଦଳର ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଦଳ ମୋଟ ୩ ମ୍ୟାଚ୍ ଖେଳିଥିବାବେଳେ ସବୁ ମ୍ୟାଚ୍‌ରେ ବିଜୟ ସହ ମୋଟ ୯ ପଏଣ୍ଟ ହାସଲ କରିଛି। ଏହି ତିନି ମ୍ୟାଚ୍‌ରେ ଭାରତ ପକ୍ଷରୁ ମୋଟ ୨୦ ଗୋଲ୍ ଦିଆଯାଇଥିଲା। ଇରାକ୍ ବିପକ୍ଷ ମ୍ୟାଚ୍‌ରେ ଭାରତ ୧୪-୦ରେ ଓ ସିରିଆ ବିପକ୍ଷରେ ୨-୦ରେ ବିଜୟ ହାସଲ କରିଥିଲା। ୨୦୨୭ ଏସୀୟ କପ୍ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ପର୍ଯ୍ୟନ୍ତ ଚୀନ୍‌ରେ ଅନୁଷ୍ଠିତ ହେବ।

## ଦିଲ୍ଲୀରୁ ସ୍ଥାନାନ୍ତର ହେବନି ଭାରତ-ଶ୍ରୀଲଙ୍କା ଦିନିକିଆ : ବିସିସିଆଇ ସମ୍ପାଦକ

**ନୂଆଦିଲ୍ଲୀ**

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଡିସେମ୍ବର ୧୩ରେ ଦିଲ୍ଲୀରେ ହେବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ ହେବା ନେଇ ପ୍ରକାଶିତ ଖବରକୁ ଖଣ୍ଡନ କରିଛନ୍ତି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। ସୋମବାର ସେ କହିଛନ୍ତି ଯେ ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ପ୍ରଚଳିତ ନୀତି ଅନୁଯାୟୀ ଏହି ମ୍ୟାଚ୍ ଦିଲ୍ଲୀକୁ ଆବଣ୍ଟନ କରାଯାଇଛି ଏବଂ ସେଠାରେ ହିଁ ଖେଳାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ମ୍ୟାଚ୍‌କୁ ଅହମ୍ମଦାବାଦକୁ ସ୍ଥାନାନ୍ତର କରାଯାଇପାରେ ବୋଲି ପ୍ରକାଶିତ ଖବରକୁ ସାଇକିଆ ଅସ୍ୱୀକାର କରିଛନ୍ତି। ଏହି ଶୃଙ୍ଖଳାର ଶେଷ ଦିନିକିଆ ଡିସେମ୍ବର ୧୯ରେ ଅହମ୍ମଦାବାଦରେ ଖେଳାଯିବ। ଦିନିକିଆ ଶୃଙ୍ଖଳା ବ୍ୟତୀତ ଶ୍ରୀଲଙ୍କା ଦଳ ଭାରତ ଗସ୍ତରେ ତିନିଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ଖେଳିବ।

## ରୋହିତ ଶର୍ମାଙ୍କ ଘାତକ ବୋଲିଂ, ୩୬ ରନ୍ ଦେଇ ନେଲେ ୫ ୱିକେଟ୍

**ଶ୍ରୀନଗର**



ଜମ୍ମୁ-କାଶ୍ମୀରର ରଣଜୀ ଟ୍ରଫି ୨୦୨୬-୨୭ ଅଭିଯାନର ଏକ ଚମତ୍କାର ଆରମ୍ଭ କରିଛି। ଶ୍ରୀନଗରର ଶେର-ଏ-କାଶ୍ମୀର ଷ୍ଟାଡିୟମରେ ଖେଳାଯାଉଥିବା ଚଳିତ ସିଜନର ପ୍ରଥମ ମ୍ୟାଚ୍‌ର ପ୍ରଥମ ଦିନରେ ରୋହିତ ଶର୍ମାଙ୍କ ଘାତକ ବୋଲିଂ ପ୍ରଦର୍ଶନ କରି ମଧ୍ୟପ୍ରଦେଶର ସମଗ୍ର ଦଳକୁ ପ୍ରଥମ ଇନିଂସରେ ମାତ୍ର ୧୯୬ ରନ୍‌ରେ ଅଲ ଆଉଟ୍ କରିଦେଇଛି। ଚଳିତ ବର୍ଷ ଇତିହାସ ରଚି ନିଜର ପ୍ରଥମ ରଣଜୀ ଟ୍ରଫି ଟାଇଟଲ୍ ଜିତିଥିବା ଜମ୍ମୁ-କାଶ୍ମୀର ଦଳ ଏଥର ମଧ୍ୟ ସେହି ସମାନ ଦବଦବା ସହିତ ପଡ଼ିଆକୁ ଓହ୍ଲାଇଛି। ଅବଶ୍ୟ ଏହି ମ୍ୟାଚ୍‌ର ପ୍ରକୃତ ହିରୋ ଜଣେ ଦ୍ରୁତ ବୋଲର ଥିଲେ, ଯିଏ ପ୍ରାୟ ଦୁଇ ବର୍ଷ ପରେ ଦଳ ପାଇଁ ରେଡ୍-ବଲ୍ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଏବଂ ନିଜର ଘାତକ ବୋଲିଂ ପାଇଁ ସବୁଆଡ଼େ ପ୍ରଶଂସା ସାଉଁଟିଛନ୍ତି।

ଏହି ଚମତ୍କାର ପ୍ରଦର୍ଶନ କରିଥିବା ଖେଳାଳି ଜଣକ ଅନ୍ୟ କେହି ନୁହନ୍ତି, ବରଂ ଜମ୍ମୁ-କାଶ୍ମୀରର ଅଭିଜ୍ଞ ଦ୍ରୁତ ବୋଲର ରୋହିତ ଶର୍ମା। ଘରୋଇ କ୍ରିକେଟରେ ନିଜର ଚମତ୍କାର ବୋଲିଂ ପାଇଁ ଜଣାଶୁଣା ୩୨ ବର୍ଷୀୟ ରୋହିତ ଶର୍ମା ନିଜର ପ୍ରତ୍ୟାବର୍ତ୍ତନ ଇନିଂସରେ କମାଲ କରି ୫ଟି ୱିକେଟ୍ ଅକ୍ତିଆର କରିଛନ୍ତି। ସେ ଅତ୍ୟନ୍ତ ସନ୍ତୁଳିତ ବୋଲିଂ କରି ୨୧.୨ ଓଭରରେ ମାତ୍ର ୩୬ ରନ୍ ଦେଇ ୫ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନିଜ ନାମରେ କରିଛନ୍ତି। ରୋହିତଙ୍କ ଏହି ପ୍ରଦର୍ଶନ ଏଥିପାଇଁ ମଧ୍ୟ ବିଶେଷ, କାରଣ ସେ ଅକ୍ଟୋବର ୨୦୨୪ରେ ସର୍ଭିସେସ୍ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍ ପରେ ପ୍ରଥମ ଥର ପାଇଁ କୌଣସି ପ୍ରତିଯୋଗିତା ମୂଳକ ରେଡ୍-ବଲ୍ ମ୍ୟାଚ୍‌କୁ ଓହ୍ଲାଇଥିଲେ, ଯେଉଁଥିରେ ସେ କୌଣସି ୱିକେଟ୍ ହାସଲ କରିପାରି ନଥିଲେ।

ମ୍ୟାଚ୍ କଥା କହିବାକୁ ଗଲେ ଟସ୍ ଜିତି ଜମ୍ମୁ-କାଶ୍ମୀରର ଅଧିନାୟକ ପାରସ ଡୋଗ୍ରା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ସମ୍ପୂର୍ଣ୍ଣ ଭାବେ ସଠିକ୍ ସାବ୍ୟସ୍ତ ହୋଇଥିଲା। ଅଧିନାୟକଙ୍କ ଏହି ନିଷ୍ପତ୍ତିକୁ ସଫଳ କରି ଦ୍ରୁତ ବୋଲର ରୋହିତ ଶର୍ମା ଏବଂ ବାମହାତୀ ଦ୍ରୁତ ବୋଲର ସୁନୀଲ କୁମାର ମଧ୍ୟପ୍ରଦେଶର ବ୍ୟାଟରମାନଙ୍କୁ କ୍ରିଜରେ ଟିକିବାର କୌଣସି ସୁଯୋଗ ଦେଇ ନଥିଲେ। ଦୁଇ ବୋଲର ପ୍ରାରମ୍ଭିକ ଏବଂ ମଧ୍ୟଭାଗ ଓଭରଗୁଡ଼ିକରେ ଏଭଳି ଚାପ ସୃଷ୍ଟି କରିଥିଲେ ଯେ ମଧ୍ୟପ୍ରଦେଶର ଇନିଂସ ୭୪.୨ ଓଭରରେ ମାତ୍ର ୧୯୬ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା।

ରୋହିତ ଶର୍ମା ଯେଉଁଠି ୫ଟି ୱିକେଟ୍ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପଟେ ସୁନୀଲ କୁମାର ମଧ୍ୟ ତାଙ୍କୁ ଚମତ୍କାର ସାଥ୍ ଦେଇ ୨୩ ଓଭରରେ ୬୨ ରନ୍ ବ୍ୟୟ କରି ୪ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଅକ୍ତିଆର କରିଥିଲେ। ଏହାବ୍ୟତୀତ ନିକଟରେ ଆନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ଯୁବ ବୋଲର ଆକିବ୍ ନବୀ ମଧ୍ୟ ସନ୍ତୁଳିତ ବୋଲିଂ କରି ୨୦ ଓଭରରେ ୧ଟି ୱିକେଟ୍ ହାସଲ କରିଛନ୍ତି। ମଧ୍ୟପ୍ରଦେଶ ପକ୍ଷର ଅଧିନାୟକ ଶୁଭମ ଶର୍ମା ଦଳର ଇନିଂସକୁ ସମ୍ଭାଳିବା ପାଇଁ ସର୍ବାଧିକ ପ୍ରୟାସ କରିଥିଲେ ଏବଂ ୧୭୫ଟି ବଲ୍‌ର ସମ୍ମୁଖୀନ ହୋଇ ୭୯ ରନ୍‌ର ଏକ ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ତଳ ଅର୍ଡରରେ ଅଷ୍ଟମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଆର୍ଯ୍ୟନ ପାଣ୍ଡେ ୬୦ଟି ବଲ୍‌ରୁ ୩୫ ରନ୍‌ର ଯୋଗଦାନ ଦେଇଥିଲେ, ଯାହାଫଳରେ ଦଳ କଷ୍ଟରେ ୧୯୦ ରନ୍ ପାର୍ କରିପାରିଥିଲା।

ନିଜର ଏହି ଚମତ୍କାର ୫ ୱିକେଟ୍ ସଫଳତା ସହିତ ରୋହିତ ଶର୍ମାଙ୍କ ଫାଷ୍ଟ-କ୍ଲାସ୍ କ୍ୟାରିୟରର ପରିସଂଖ୍ୟାନ ଆହୁରି ମଜବୁତ ହୋଇଯାଇଛି। ଏହି ଡାହାଣହାତୀ ଦ୍ରୁତ ବୋଲର ଏଯାବତ୍ ନିଜ କ୍ୟାରିୟରରେ ମୋଟ୍ ୨୨ଟି ଫାଷ୍ଟ-କ୍ଲାସ୍ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ବର୍ତ୍ତମାନ ତାଙ୍କ ନାମରେ ୩୯ଟି ୱିକେଟ୍ ପଞ୍ଜୀକୃତ ହୋଇସାରିଛି ଏବଂ ତାଙ୍କ ବୋଲିଂ ହାରାହାରି ୩୪.୬୭ ରହିଛି। ଏହା ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ୫ ୱିକେଟ୍ ସଫଳତା ଅଟେ। ଏହାବ୍ୟତୀତ ସେ ନିଜ କ୍ୟାରିୟରରେ ୮ଟି ଲିଷ୍ଟ ଏ ମ୍ୟାଚ୍ ଏବଂ ୫ଟି ଟି୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଯେଉଁଥିରେ ସେ ମୋଟ୍ ୮ଟି ୱିକେଟ୍ ହାସଲ କରିଛନ୍ତି। ଅବଶ୍ୟ ସବୁଠାରୁ ଛୋଟ ଫର୍ମାଟ୍ ଅର୍ଥାତ୍ ଟି୨୦ରେ ତାଙ୍କୁ ଏଯାଏଁ କୌଣସି ସଫଳତା ମିଳିନାହିଁ।

## ଗୁରୁଜଙ୍ଗ ପ୍ରିମିୟର ଲିଗ୍ : ଯଦୁପୁର ବ୍ଲାଷ୍ଟରସ୍ ଓ ମିଲନ ୟୁଥ୍ କ୍ଲବ୍ ମୁକୁନ୍ଦ ପ୍ରସାଦ ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍‌ର ସୋମବାର ପଞ୍ଚମ ଦିବସର ପ୍ରଥମ ମ୍ୟାଚ୍‌ରେ ଯଦୁପୁର ବ୍ଲାଷ୍ଟରସ୍ ବିଏସଏ ଭାଲିଆବାଡ଼ିକୁ ଭେଟିଥିଲା। ଟସ୍‌ରେ ବିଜୟ ଲାଭ କରି ଭାଲିଆବାଡ଼ି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୧୪୪ ରନ୍ କରିଥିଲା। ଦଳ ପକ୍ଷରୁ ସାଗର ବେହେରା ସର୍ବାଧିକ ୬୩ ରନ୍ କରିଥିଲେ। ଯଦୁପୁର ପକ୍ଷରୁ ବିକ୍ରମ ଦାସ ୨ ୱିକେଟ ହାସଲ କରିଥିଲେ। ଜବାବରେ ଯଦୁପୁର ଦଳ ୧୫ ଓଭରରେ ୬ ୱିକେଟ ହରାଇ ଆବଶ୍ୟକ ୧୪୫ ରନ୍ ସଂଗ୍ରହ କରି ୪ ୱିକେଟରେ ବିଜୟୀ ହୋଇଥିଲା। ଅଲ ରାଉଣ୍ଡ ପ୍ରଦର୍ଶନ କରିଥିବା ବିକ୍ରମ କୁମାର ଦାସଙ୍କୁ ଅତିଥି ସ୍ପୋର୍ଟସ ଏସପ୍ରେସର ପ୍ରୋପାଇଟର ନିଗାବ ଅଲି ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଏଲେଭେନ ଷ୍ଟାର୍ ଯାଆଁଳାକୁ ମିଲନ ୟୁଥ୍ କ୍ଲବ ମୁକୁନ୍ଦପ୍ରସାଦ ଭେଟିଥିଲା। ଟସ୍ ରେ ବିଜୟ ଲାଭ କରି ମୁକୁନ୍ଦ ପ୍ରସାଦ ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଯାଆଁଳା ଦଳ ୧୮ ଓଭରରେ ୮ ଟି ୱିକେଟ ହରାଇ ୧୧୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଭୁ ଭୂଷଣ ସର୍ବାଧିକ ୪୮ ରନ୍ ସଂଗ୍ରହ କରିଥିଲେ। ମୁକୁନ୍ଦ ପ୍ରସାଦ ପକ୍ଷରୁ ନିଖିଲ ନାୟକ ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ମୁକୁନ୍ଦପ୍ରସାଦ ନିଖିଲ ନାୟକଙ୍କ ବିସ୍ଫୋରକ ୩୨ ରନ ସହାୟତାରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲେ। ଏହି ମ୍ୟାଚକୁ ମୁକୁନ୍ଦ ପ୍ରସାଦ ଦଳ ୪ ୱିକେଟରେ ଜିତି ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମୁକୁନ୍ଦପ୍ରସାଦ ଦଳର ନିଖିଲ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ବ୍ରିଜେଶ ପ୍ରଧାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସୋମବାରର ମ୍ୟାଚ୍‌କୁ ଜୟନ୍ତ ମାର୍ଥା, ସୋଭାକର ପାତ୍ର, ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ। ସେହିପରି ଭାଷ୍ୟକାର ଭାବରେ ଏସ.କେ କାସିମ୍ ଓ କ୍ୟାମେରାମ୍ୟାନ ଭାବରେ ସୁରେନ୍ଦ୍ର କାର୍ଯ୍ୟ ତୁଲାଇଥିଲେ। ୧୩/୧୦/୨୬ ମଙ୍ଗଳବାର ପ୍ରଥମ ମ୍ୟାଚ ଗୁରୁଜଙ୍ଗ ଡେୟାର ବୁଲ୍ସ ବନାମ ଇଲେଭେନ ଷ୍ଟାର୍ ଯାଆଁଳା ଓ ଦ୍ୱିତୀୟ ମ୍ୟାଚ ଯଦୁପୁର ବ୍ଲାଷ୍ଟରସ୍ ବନାମ ଇଗଲ ସ୍ପୋର୍ଟି ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ୁଙ୍ଗା ଜଣାଇଛନ୍ତି।

## ବୈଭବ ସୂର୍ଯ୍ୟବଂଶୀଙ୍କ ଭିତରେ ନିଜର ଝଲକ ଦେଖୁଛନ୍ତି ବୀରେନ୍ଦ୍ର ସେହ୍ୱାଗ

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ୍ ଦଳର ଯୁବ ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀ ନିଜ ବ୍ୟାଟିଂ ଯୋଗୁଁ କ୍ରମାଗତ ଭାବେ ଚର୍ଚ୍ଚାରେ ରହୁଛନ୍ତି। ମାତ୍ର ୧୫ ବର୍ଷ ବୟସରେ ସେ ଆଇପିଏଲ୍‌ରେ ରେକର୍ଡ ବର୍ଷା କରି ଅରେଞ୍ଜ କ୍ୟାପ୍ ଜିତିଥିଲେ। ଭାରତ ପାଇଁ ଇଂଲଣ୍ଡରେ ବିଫଳ ହେବା ପରେ ସେ ଜିମ୍ବାୱେରେ ବିସ୍ଫୋରକ ପ୍ରଦର୍ଶନ କରିଥିଲେ। ଏସିଆନ୍ ଗେମ୍ସରେ ମଧ୍ୟ ତାଙ୍କ ବ୍ୟାଟ୍‌ରୁ ରନ୍ ବାହାରିଥିଲା। ବର୍ତ୍ତମାନ ଭାରତର ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ୍ ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ତାଙ୍କ ପ୍ରଶଂସକ ପାଲଟିଛନ୍ତି। ସେହ୍ୱାଗଙ୍କୁ ବୈଭବଙ୍କ ବ୍ୟାଟିଂରେ ନିଜର ଝଲକ ନଜର ଆସିଛି। ସେ କହିଛନ୍ତି ଯେ, ପ୍ରଥମ ବଲ୍‌ରୁ ହିଁ ବୋଲରଙ୍କ ଉପରେ ଆକ୍ରମଣ କରିବାର ବୈଭବଙ୍କ ଚିନ୍ତାଧାରା ତାଙ୍କ ସହ ବହୁତ ମିଶୁଛି।

ପିଏଚଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ଏକ କାର୍ଯ୍ୟକ୍ରମରେ କଥା ହେବା ବେଳେ ବୀରେନ୍ଦ୍ର ସେହ୍ୱାଗ ବୈଭବଙ୍କ ପ୍ରଶଂସା କରି କହିଛନ୍ତି ଯେ, ଏବେ ଦେଖିବାକୁ ବାକି ରହିଲା ଯେ ତାଙ୍କୁ ଭାରତୀୟ ଦଳ ପାଇଁ ଖେଳିବାର ସୁଯୋଗ କେବେ ମିଳୁଛି ଏବଂ ସେ କେତୋଟି ମ୍ୟାଚ୍ ଖେଳୁଛନ୍ତି। ସେହ୍ୱାଗ କହିଛନ୍ତି, 'ସୂର୍ଯ୍ୟବଂଶୀ ନିଜର ଶ୍ରେଷ୍ଠ ଫର୍ମରେ ଅଛନ୍ତି ଏବଂ ତାଙ୍କ ଚିନ୍ତାଧାରା କେତେକାଂଶରେ ମୋ ଭଳି। ସେ ପ୍ରଥମ ବଲ୍‌ରୁ ହିଁ ପ୍ରହାର କରିବାକୁ ଚାହାନ୍ତି। ବର୍ତ୍ତମାନ ଏହା ଏହି କଥା ଉପରେ ନିର୍ଭର କରେ ଯେ ତାଙ୍କୁ କେବେ ସୁଯୋଗ ମିଳୁଛି ଏବଂ ସେ ଭାରତ ପାଇଁ କେତୋଟି ମ୍ୟାଚ୍ ଖେଳୁଛନ୍ତି।'

ସୂଚନାଯୋଗ୍ୟ ଯେ, ଟିମ୍ ଇଣ୍ଡିଆରେ ସାମିଲ ହେବା ପରେ ବୈଭବ ଭାରତ ପାଇଁ ଏପର୍ଯ୍ୟନ୍ତ ଖେଳାଯାଇଥିବା ସମୁଦାୟ ୧୮ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟରୁ ମାତ୍ର ୮ଟିରେ ଭାଗ ନେଇଛନ୍ତି, ଯେଉଁଥିରେ ସେ ୧୮୬.୩୬ ଷ୍ଟ୍ରାଇକ୍ ରେଟ୍‌ରେ ସମୁଦାୟ ୨୪୬ ରନ୍ ସଂଗ୍ରହ କରିଛନ୍ତି। ତେବେ ଦଳରେ ଓପନିଂ ଯୋଡ଼ି ପାଇଁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି, ଯେଉଁ କାରଣରୁ ତାଙ୍କୁ ଅଧିକ ଖେଳିବାର ସୁଯୋଗ ମିଳୁନାହିଁ। ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମା ସମ୍ପ୍ରତି ମ୍ୟାଚ୍‌ଗୁଡ଼ିକରେ ଭାରତର ପସନ୍ଦିତ ଓପନିଂ ଯୋଡ଼ି ରହିଆସିଛନ୍ତି।

ସେହ୍ୱାଗ ଆଗକୁ ବୈଭବ ସୂର୍ଯ୍ୟବଂଶୀଙ୍କ ବୟସକୁ ନେଇ କହିଛନ୍ତି, 'ଏଜ୍-ଗ୍ରୁପ୍ (ବୟସ ଭିତ୍ତିକ) କ୍ରିକେଟରେ ବୟସ ସମ୍ବନ୍ଧୀୟ ନିୟମ ପାଳନ କରିବା ଜରୁରୀ, କିନ୍ତୁ ଆଇପିଏଲ୍ ଏବଂ ଅନ୍ତର୍ଜାତୀୟ କ୍ରିକେଟ ଭଳି ବଡ଼ ମଞ୍ଚରେ ଖେଳାଳିଙ୍କ ପ୍ରଦର୍ଶନ ସବୁଠାରୁ ଅଧିକ ଗୁରୁତ୍ୱ ରଖେ। ସେ କହିଛନ୍ତି, 'ଯଦି ଆପଣ କୌଣସି ଏଜ୍-ଗ୍ରୁପ୍ କ୍ରିକେଟରେ ଖେଳୁଛନ୍ତି, ତେବେ ତାହା ବୁଝିହେଉଛି। ଯଦି ଏହା ଅଣ୍ଡର-୧୯, ତେବେ ଆପଣଙ୍କ ବୟସ ଅଣ୍ଡର-୧୯ ହେବା ଉଚିତ। କିନ୍ତୁ ଥରେ ଆପଣ ଆଇପିଏଲ୍ ଖେଳିଲେ କିମ୍ବା ଭାରତ ପାଇଁ ଖେଳିଲେ, ବୟସ କିଛି ଗୁରୁତ୍ୱ ରଖେ ନାହିଁ।'

ସେ ଉଦାହରଣ ଦେଇ କହିଛନ୍ତି ଯେ, 'ଗୋଟିଏ ପଟେ ୩୮-୪୦ ବର୍ଷର ବିରାଟ କୋହଲି ଖେଳୁଛନ୍ତି, ତେବେ ଅନ୍ୟପଟେ ୧୫ ବର୍ଷର ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ନିଜ ଖେଳ ଦ୍ୱାରା ପ୍ରଭାବିତ କରୁଛନ୍ତି। ଏଭଳି ପରିସ୍ଥିତିରେ ବୟସ ବଦଳରେ ଖେଳାଳିଙ୍କ ଦକ୍ଷତା ଏବଂ ପ୍ରଦର୍ଶନ ଉପରେ ଧ୍ୟାନ ଦିଆଯିବା ଉଚିତ।'

## କରାଟେରେ ଗଞ୍ଜାମର ୫ ଜଣଙ୍କୁ ଗୋଲ୍ଡ ମେଡାଲ, କମାଲ କଲେ ଯାଆଁଳା ଭାଇ




**ଗଞ୍ଜାମ**

ଗୁଜରାଟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରଥମ ଓପନ ନ୍ୟାଶନାଲ କଣ୍ଟାକ୍ଟ କରାଟେ ଚାମ୍ପିଅନସିପ୍-୨୬ରେ ଗଞ୍ଜାମର ୫ ଜଣ ପ୍ରତିଭାବାନ ଗୋଲ୍ଡ ମେଡାଲ ଜିତି ରାଜ୍ୟ ଓ ଜିଲା ପାଇଁ ଗୌରବ ଆଣିଛନ୍ତି। ସବ୍‌ଜୁନିଅର ବର୍ଗରେ ଶୁଭାନନ୍ଦ ଜେନା ୫୫ କେଜି ୱେଟ୍‌ରେ ଗୋଲ୍ଡ ମେଡାଲ, ବିବେକାନନ୍ଦ ଜେନା ୫୦ କେଜି ୱେଟ୍‌ରେ ଗୋଲ୍ଡ ମେଡାଲ, ସନ୍ଦୀପ କୁମାର ଦଳାଇ ୬୦ କେଜି ୱେଟ୍‌ରେ ଗୋଲ୍ଡ ମେଡାଲ ଏବଂ ଜୁନିଅର ବର୍ଗରେ ଅଭିଜିତ ଗନ୍ତାୟତ ୬୫ କେଜି ୱେଟ୍ ଓ ୭୦ କେଜି ୱେଟ୍‌ରେ ଆୟୁଷ୍ମାନ ଷଡ଼ଙ୍ଗୀ ଗୋଲ୍ଡ ମେଡାଲ ହାସଲ କରିଥିବା ଜଣାପଡ଼ିଛି। ଏହି ପାଞ୍ଚ ଜଣ ବିଜେତାଙ୍କ ମଧ୍ୟରୁ ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତଳା ଗ୍ରାମର ୩ ଜଣ ଛାତ୍ର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଯାଆଁଳା ଭାଇ ଶୁଭାନନ୍ଦ ଓ ବିବେକାନନ୍ଦ ହେଉଛନ୍ତି ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ପୁଅ ଏବଂ ସନ୍ଦୀପ ହେଉଛନ୍ତି ସଦାଶିବ ଦଳାଇଙ୍କ ପୁଅ। ଏହି ତିନି ଜଣ ଯାକ ଗଞ୍ଜାମ ସହରସ୍ଥିତ ଜୟଶ୍ରୀ କରମେଟ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ଅଟନ୍ତି। ତିନି ଜଣ ଗୋଲ୍ଡ ମେଡାଲ ବିଜେତା ଗଞ୍ଜାମ ସହରସ୍ଥିତ ଜୟଶ୍ରୀ କରମେଟ ସ୍କୁଲର ଦଶମ ଶ୍ରେଣୀ ଛାତ୍ର। ଏହି ଓପନ ନ୍ୟାସନାଲ କରାଟେ ଚାମ୍ପଅନସିପ୍‌ରେ ଖେଳିବାକୁ ଗତ ୮ରେ ଗୁଜରାଟ ଗସ୍ତ କରିଥିଲେ। କୋଚ୍ ପ୍ରମୋଦ କୁମାର ଅପାତଙ୍କ ନେତୃତ୍ୱରେ ଗଞ୍ଜାମ ଜିଲାରୁ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରି ଏହି ସଫଳତା ହାସଲ କରିଥିବା କୋଚ ଅମାତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ସମସ୍ତ ସ୍ୱର୍ଣ୍ଣ ପଦକ ହାସଲକାରୀଙ୍କୁ ସହଯୋଗ କରିଛନ୍ତି ବୋଲି କୋଚ୍ କହିଛନ୍ତି।

## ଆଜିଠୁ ସୁବର୍ଣ୍ଣପୁରରେ ରାଜ୍ୟ ସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଫୁଟବଲ୍ ଚାମ୍ପିଅନସିପ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍‌ରେ ୧୩ ତାରିଖରୁ ଆରମ୍ଭ ହେବ ରାଜ୍ୟ ସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଫୁଟବଲ୍ ଚାମ୍ପିଅନସିପ୍। ୩୦ଟି ଜିଲ୍ଲାର ୧୬ ଜଣ ଲେଖାଏଁ ଖେଳାଳି, ଜଣେ ଟିମ୍ ମ୍ୟାନେଜର ଓ ଜଣେ କୋଚ୍ ଏଥିରେ ସାମିଲ ହେବାକୁ ଥିବା ବେଳେ ୬୦ ଜଣ ରାଜ୍ୟ ସ୍ତରୀୟ ଓ ୧୨ ଜଣ କେନ୍ଦ୍ରସ୍ତରୀୟ ଅଧିକାରୀ ଏଥିରେ ଯୋଗ ଦେଇ ଏହାର ପରିଚାଳନା ଓ ତତ୍ତ୍ୱାବଧାନ ଦାୟିତ୍ୱରେ ରହିବେ ବୋଲି ସୋମବାର ଡିପିସି ଅଫିସ୍‌ରେ ଡିପିସି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ମିଳିଛି। ଜିଲ୍ଲା ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନର ତଦାରଖରେ ଆୟୋଜିତ ହେବାକୁ ଥିବା ଏହି ଖେଳରେ ପ୍ରତ୍ୟେକ ଖେଳାଳିଙ୍କ ଯୋଗ୍ୟତା ପରୀକ୍ଷା ଓ ଡକ୍ୟୁମେଣ୍ଟ ଯାଞ୍ଚ କରାଯିବ ବୋଲି କହିଥିଲେ। ଆଇପିଇ ବିଶ୍ୱନାଥ ବାଲାଜୀ ଓ ଶିକ୍ଷକ ଗତିକୃଷ୍ଣ ମିଶ୍ର ଏହି ସାମ୍ବାଦିକ ସମ୍ମିଳନୀକୁ ସଂଯୋଜନା କରିଥିଲେ।

OFFICE OF THE EXECUTIVE ENGINEER 32001/1021/2627
BRUTANG IRRIGATION DIVISION:DASHAPALLA,NAYAGADA
E-mail: eebiddasapalla@gmail.com
ଓଡ଼ିଶା ସରକାର
No. 1676 Date: 07.10.2026
Government of Orissa "e" Procurement Notice
Bid Identification No.EE-BID-BIP-07(01) of 2026-27, Dt.07.10.2026
'e' Procurement Notice No. EE-BID-07(01)/2026-27, Dt.07.10.2026

Invites online percentage rate tender in single cover through e-procurement for execution of the Electrical works. The bid should be submitted by eligible class of contractors obtained from Electrical Licensing Board of Odisha

1. Name of work: Construction of 11 KV Distribution Network with 250KVA Distribution Sub-Station, LT AB Cable and allied Electrical & Civil works for Brutang Irrigation Project.
2. Estimated cost: 48.99 Lakhs
3. Period of completion: 03(Three) calendar months
4. Date & Time of availability of bid document in the portal: Dt.13.10.2026 at 10.00 A.M.
5. Last date/ Time for receipt of bids in the portal: Dt 23.10.2026 up to 05.00 P.M.
6. Date of opening of Bid: Dt. 26.10.2026 at 11.00A.M.
7. Name and Address of the Officer Inviting Bid: Executive Engineer, Brutang Irrigation Division, Dashapalla.

Further details can be seen from the e-procurement portal http//tendersorissa.gov.in
The Corrigendum/ cancellation of Tender, if any, will be uploaded and can be seen from the above website only

Sd/- Executive Engineer
Brutang Irrigation Division, Dashapalla
OIPR-32001/32553/1/26-27/0004

Government of Odisha,
Department of Panchayati Raj & Drinking water,
Office of the Panchayat Samiti, Bhadrak. 19001/290/2627
**Invitation of Bids (IFB)**
Bid Identification No. PSB-4/2026-27
e-mail:-ori-bbhadrak @nic.in FAX/TEL:**********

Bid documents consisting of work, estimated amount for put to tender, cost of tender paper,, time of completion, class of contractor, the set of terms & conditions of contract and other necessary documents can be seen from the office of Panchayat Samiti, Bhadrak.

1 Name of the work : As Per DTCN
2 No of works : 1 no's of package.
3 Estimated cost for put to tender : AS Per DTCN
4 Period of completion : 06 Calendar Months each
5 Date & time of availability of bid documents : From 09.10.2026 at 10.30 am hours. to 27.10.2026 at 12.00 pm. Hours
6 Last date/time for receipt/drop of bids in the office. : 27.10.2026 at 12.00pm.
7 Date of opening of Bids : 27.10.2026 at 04.30pm Hours
8 Class of Contractor : "B" & "C" Class
9 Name of the Officer Inviting Bids : Block Development Officer, Panchayat Samiti Bhadrak.

Further details can be seen from the office of Panchayat Samiti, Bhadrak on working hours. Any addendum/ corrigendum/ cancellation of tender can also be seen at the office of the undersigned. The detailed information is also available on district website "https://bhadrak.odisha.gov.in"

Sd/- Block Development Officer,
Panchayat Samiti, Bhadrak.
OIPR-19001/19211/1/26-27/0002

GOVT. OF ODISHA
OFFICE OF THE SUPERINTENDING ENGINEER,
RURAL WORKS DIVISION-II, NAYAGARDA
E-mail- nayagarhrw2@yahoo.in
25001/1311/2627
No-3977 Date 12/10/2026
1st corrigendum to Bid Identification No: Online - Division-II, Nayagada - 06/2026-27

In partial modification to this office Tender Call Notice No. Online-Division-II, Nayagada-06/2026-27 invited vide this office No 3061 dtd.20.08.2026, the online availability of tender as mentioned below have been re-scheduled as follows due to non- publication of tender notice by I & PR Deptt., Odisha.

| Procurement Officer | Bid Identification No. | Availability of Tender on-line for bidding was | | Now Availability of Tender on-line for bidding is rescheduled | | Date & Time of opening of Bid was on | Now Date & Time of opening of Bid is rescheduled to |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Rural Works Division-II, Nayagarh | Online-Division-II, Nayagada-06/2026-27 | 24.08.2026 at 10.00 A.M. | 07.09.2026 upto 5.00 P.M. | 14.10.2026 at 11.00 A.M. | 28.10.2026 upto 5.00 P.M. | 08.09.2026 at 11.00 A.M | 29.10.2026 at 11.00 A.M |

All other terms and conditions remain unchanged.

Sd/-Superintending Engineer,
Rural Works Division-II, Nayagada
OIPR-25001/25144/1/26-27/0012

## ବାଲ୍ୟ ବିବାହ ରୋକିବା ସହ ବାଳିକାଙ୍କ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଅନ୍ତର୍ଜାତୀୟ ବାଳିକା ଦିବସ-୨୦୨୬ ଅବସରରେ ଯାଜପୁର ଜିଲ୍ଲା ପୋଲିସ ମୁଖ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ରୁଚିକା ସମାଜ ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ 'ଜୁଭେଣ୍ଟିକା ଆଉଟରିଚ୍ କାର୍ଯ୍ୟକ୍ରମ' ଯାଜପୁର ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଏହି କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ହେଉଛି- "ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ।"

ବାଲ୍ୟ ବିବାହର ନିରାକରଣ, ବାଳିକାମାନଙ୍କ ଅଧିକାରର ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ସାମୂହିକ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରର ୭୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଜିଲ୍ଲା ପୋଲିସ କାର୍ଯ୍ୟାଳୟର ମହିଳା ଓ ଶିଶୁ ସମ୍ପର୍କିତ ଅପରାଧ ନିୟନ୍ତ୍ରଣ ୟୁନିଟ୍ (ଆଇୟୁସିଏଡବ୍ଲ୍ୟୁ)ର ଉପଆରକ୍ଷୀ ଅଧୀକ୍ଷକ ରେଣୁବାଳା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ସେ କହିଥିଲେ ଯେ, କୌଣସି ବିପଦପୂର୍ଣ୍ଣ ବା ଅସୁରକ୍ଷିତ ପରିସ୍ଥିତିରେ ଥିବା ମହିଳା ଓ ବାଳିକାମାନେ ପୋଲିସର ଜରୁରୀକାଳୀନ ସହାୟତା ନମ୍ବର ୧୧୨ରେ ଫୋନ୍ କରି ତୁରନ୍ତ ସହାୟତା ପାଇପାରିବେ। କେତେକ ଅସାମାଜିକ ବ୍ୟକ୍ତି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଅନ୍ୟାନ୍ୟ ପ୍ରଯୁକ୍ତିର ଅପବ୍ୟବହାର କରି ଅଶ୍ଳୀଳ ଫଟୋ ପ୍ରସ୍ତୁତ କରିବା କିମ୍ବା ପଠାଇବା ମାଧ୍ୟମରେ ବାଳିକାମାନଙ୍କୁ ଭୟଭୀତ କରୁଛନ୍ତି। ଏପରି ଅନଲାଇନ୍ ଉତ୍ପୀଡ଼ନ ଓ ସାଇବର ଅପରାଧ ବିରୋଧରେ ସଜାଗ ରହିବା ସହ ଏଭଳି ଘଟଣା ଘଟିଲେ ତୁରନ୍ତ ପୋଲିସର ସହାୟତା ନେବାକୁ ସେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ନିଜର ପାଠପଢ଼ା ଓ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପଆରକ୍ଷୀ ଅଧୀକ୍ଷକ ସବିତା ସାହୁ, ପୋଲିସ ଅଧିକାରୀ ଭରତ କୁମାର ବେହେରା,ଆଇ ଆଇ ସି ଶିବଚରଣ ବେହେରା, ସ୍ୱାଗତିକା ବେହୁରିଆ, ସାରଥୀ ମହାନ୍ତି, ମହିଳା ହବ୍‌ର ଜିଲ୍ଲା ସଂଯୋଜକ ପ୍ରଭାତ କୁମାର ଘଡ଼େଇ ଏବଂ ରୁଚିକା ସମାଜ ସେବା ସଂଗଠନର ଜିଲ୍ଲା ସଂଯୋଜକ ଲିଆକତ ଅଲି ଖାନ୍ ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଯାଜପୁର ହକି ଷ୍ଟାଡିୟମର ପ୍ରଶିକ୍ଷକ ଅନିତା କୁଜୁର ଓ ସିଦ୍ଧାନ୍ତ ରାଉତ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଜିଲ୍ଲା ପୋଲିସ ପ୍ରଶାସନ ଏବଂ କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

### ମୟୂରଭଞ୍ଜ ସାମ୍ବାଦିକ ମିଳିତ ମହାମଞ୍ଚ ତରଫରୁ ଗଣଧାରଣା

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକଜୁଟ ହେଲେ ୭ଟି ସଂଘର ଶହଶହ ସାମ୍ବାଦିକ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**




ସାମ୍ବାଦିକମାନଙ୍କ ସ୍ୱାଭିମାନ, ସ୍ୱାର୍ଥ ଓ ସୁରକ୍ଷା ଦାବି ନେଇ ସୋମବାର ବାରିପଦାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ମିଳିତ ମହାମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜିଲ୍ଲାର ୪ଟି ଉପଖଣ୍ଡ ଓ ୨୬ଟି ବ୍ଲକ୍‌ରୁ ଶହ ଶହ ସାମ୍ବାଦିକ ଯୋଗଦେଇ ପ୍ରଶାସନ ବିରୋଧରେ ବିଷଦାଗାର ବଖାଣିଛନ୍ତି। ମହାମଞ୍ଚରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ), ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ), କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ଏବଂ ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ ଭଳି ପ୍ରମୁଖ ସାମ୍ବାଦିକ ସଂଗଠନର ସାମ୍ବାଦିକ ମାନେ ସାମିଲ ହୋଇ ସାମ୍ବାଦିକଙ୍କ ପ୍ରତି ଅବହେଳା ସମ୍ପର୍କରେ ଚିନ୍ତା ପ୍ରକଟ କରିବା ସହିତ ଆଗାମୀ ଦିନରେ ସାମ୍ବାଦିକମାନେ ଦୃଢ଼ ଜବାବ ଦେବେ ବୋଲି କହିଛନ୍ତି। ସାମ୍ବାଦିକ ମାନଙ୍କ ମର୍ଯ୍ୟାଦା, ସୁରକ୍ଷା ଏବଂ ସାମୂହିକ ସ୍ୱାର୍ଥରକ୍ଷା ଦିଗରେ ଏକଜୁଟ୍ ହୋଇ ସ୍ୱର ଉତ୍ତୋଳନ କରିବାକୁ ସମସ୍ତେ ସର୍ବସମ୍ମତି ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଧାରଣାରେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ଅରୁଣ କୁମାର ଓତା, ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ, ଓଡ଼ିଶା ସାମ୍ବାଦିକ ସଙ୍ଘ (ଓଜେୟୂ)ର ଜିଲ୍ଲା ସଭାପତି ଅଭିଜିତ ମହାନ୍ତି, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାରର ଦୋଳ ଗୋବିନ୍ଦ ବାରିକ, ରାଜ୍ୟ ସାମ୍ବାଦିକ ସଙ୍ଘର କର୍ମକର୍ତ୍ତା ପ୍ରୟାଗ ରାଜକର, ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଙ୍ଘର ଶିବାଦିତ୍ୟ ପଣ୍ଡା, ସାମ୍ବାଦିକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ନିହାର ରଞ୍ଜନ ବେହେରା, ସନ୍ତୋଷ କୁମାର ବାଛିନି, ମଳୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦଳେଇ, କ୍ଷୀରୋଦ ଚନ୍ଦ୍ର ଦାସ, ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ନିଜନିଜ ବକ୍ତବ୍ୟରେ ଆଜିର ଦିନରେ ସାରା ଭାରତ ବର୍ଷରେ ସାମ୍ବାଦିକ ମାନଙ୍କର ମର୍ଯ୍ୟାଦା, କଲ୍ୟାଣ ଏବଂ ସୁରକ୍ଷା କ୍ଷୁଣ୍ଣ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ସାମ୍ବାଦିକମାନଙ୍କ ପ୍ରତି ପ୍ରଶାସନିକ ଅଣଦେଖା ସହ ଆକ୍ରମଣ ଘଟଣା ବୃଦ୍ଧି ପାଉଥିବାରୁ ଆଗାମୀ ଦିନରେ ସାମ୍ବାଦିକ ମାନେ ସମ୍ମିଳିତ ଭାବରେ ବ୍ୟବସ୍ଥା ବିରୋଧରେ ଲଢ଼ି ନିଜର ନ୍ୟାର୍ଯ୍ୟ ଅଧିକାର ହାସଲ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ସଂଗଠନଗତ ମତଭେଦରୁ ଊର୍ଦ୍ଧ୍ୱରେ ରହି ଜିଲ୍ଲାର ସମସ୍ତ ସାମ୍ବାଦିକ ଏହି ଆନ୍ଦୋଳନରେ ସାମିଲ ହୋଇଥିବାରୁ ମହାମଞ୍ଚ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଆଗକୁ ମହାମଞ୍ଚ ସାମ୍ବାଦିକଙ୍କ ଏକତା ଓ ଅଧିକାର ହାସଲ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି।

ତେବେ ଏହି ସାମ୍ବାଦିକ ମିଳିତ ମଞ୍ଚ ଧାରଣାକୁ ସ୍ୱେଚ୍ଛାକୃତ ଭାବରେ ବିଭିନ୍ନ ରାଜନୈତିକ, ସାମାଜିକ ସଂଗଠନ ପକ୍ଷରୁ ନିସର୍ତ୍ତ ସମର୍ଥନ ଘୋଷଣା କରିଥିବାର ଦେଖିବାକୁ ମିଳିଥିଲା। ଧାରଣା ଶେଷରେ ଜିଲ୍ଲାରେ ସାମ୍ବାଦିକ ମାନଙ୍କର ସମସ୍ୟା ନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ଏକ ସବିପତ୍ର ପ୍ରଦାନ କରାଯାଇଥିଲା।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜଧାନୀରେ ମଦୁଆ ...

ଚୁର୍ ଥିବା ବେଳେ ରାସ୍ତାରେ ଏଭଳି କାଣ୍ଡ ଘଟାଇଥିଲେ।

ସେହିପରି ସୋମବାର ସକାଳୁ ସକାଳୁ ଟଙ୍କପାଣି ରୋଡରୁ କେଶୁରା ଯିବା ବାଟରେ ଯୁବକ ଜଣଙ୍କ ଏକ କାରରେ ୫ ଜଣଙ୍କୁ ଧକ୍କା ଦେବା ସହ ଖସି ପଳାଇବା ପାଇଁ ଉଦ୍ୟମ କରୁଥିଲେ। କାର୍ ଚଢାଇ ଲୋକଙ୍କୁ ମାରିବା ପାଇଁ ଉଦ୍ୟମ କରିବା ପରେ ଫେରାର୍ ହେବା ପାଇଁ ବସିଥିଲେ।

ଶେଷରେ ଉତ୍ତ୍ୟକ୍ତ ଲୋକେ କାରକୁ ଘେରିଯିବା ସହ ଢେଲା ମାଡ଼ କରିବା ପରେ ଗାଡ଼ିରେ ବ୍ରେକ୍ ଲାଗିଥିଲା। ଘଟଣାସ୍ଥଳରୁ ସୌମ୍ୟ ରଞ୍ଜନ ଚମ୍ପଟ ମାରିବାକୁ ଉଦ୍ୟମ କଲାବେଳେ ଲୋକେ ତାକୁ କାବୁ କରି ପୋଲିସ ଜିମା ଦେଇଥିଲେ।

ଡାକ୍ତରୀମାଇନା ପରେ ସୌମ୍ୟଙ୍କୁ ଗିରଫ ଦର୍ଶାଇଛି ବଡଗଡ଼ ପୋଲିସ୍। ପୋଲିସର ସୂଚନା ଅନୁସାରେ ଢାବାରେ ରାତି ତମାମ ସୌମ୍ୟ ଖାଇବା ପିଇବା ପରେ ଟଙ୍କା ମାଗିବାରୁ କର୍ମଚାରୀଙ୍କୁ ଗାଡ଼ି ଚଢେଇ ମାରିବାକୁ ଉଦ୍ୟମ କରିଥିଲେ।

ଜୁଲାଇ ଆକ୍ସିଡେଣ୍ଟ ପରେ କୋର୍ଟ ଚାଲାଣ ବେଳେ ମୁହଁ ଲୁଚାଉଥିଲେ ସୌମ୍ୟ, ଆଜି ବି ସମାନ ସିନ୍। ସେଦିନ ଥିଲା ମର୍ସିଡିଜ୍, ଆଜି ଇଭି କାର। ପୂର୍ବ ଦୁର୍ଘଟଣା ପାଇଁ ସୌମ୍ୟ ଜେଲ୍ ଯାଇ ଗତ ଅଗଷ୍ଟ ୪ ତାରିଖରେ ଜାମିନରେ ଆସିଥିଲେ। ତଥାପି ଛାଡ଼ିନଥିଲା ବେପରୁଆ ଗାଡ଼ି ଚଳାଇବାର ନିଶା। ଆଜିର ଘଟଣା ପରେ ପରିବହନ ବିଭାଗ ଟିମ୍ ଆରମ୍ଭ କରିଛି ତଦନ୍ତ। ଅତ୍ୟଧିକ ମଦ ପିଇ ଗାଡ଼ି ଚଳାଇବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ତଦନ୍ତ ବେଳେ ଜାଣିବାକୁ ପାଇଛନ୍ତି ପୋଲିସ ଅଫିସର। ଗାଡ଼ିର ପଞ୍ଜୀକରଣ ରଦ୍ଦ ସହ ସୌମ୍ୟଙ୍କ ଡିଏଲ୍ ସସପେଣ୍ଡ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା।

## ସିଇସି ଏବଂ...

ଆପଣଙ୍କୁ ବାଧ କରିଛନ୍ତି। ଏ ଭୁଲ ପାଇଁ ସିଇସି ଏବେ ରାତିରେ ଶୋଇପାରୁ ନାହାନ୍ତି। ସେହିଭଳି ଏ ସରକାରରେ କଣ ଚାଲିଛି, ତାହା ବିରୋଧୀଙ୍କୁ ଜଣା ବୋଲି କହି କେନ୍ଦ୍ର ସରକାର ଉପରେ ବି ବର୍ଷିଛନ୍ତି ରାହୁଲ। ମୋଦି ସରକାରଙ୍କ ୨୦୦ ଅଧିକାରୀ ଆମ ସହ ସମ୍ପର୍କରେ ଅଛନ୍ତି। ସରକାରରେ କଣ ଚାଲିଛି, ସେକଥା ଇଡି, ସିବିଆଇରୁ ଆରମ୍ଭ କରି ବିଭିନ୍ନ ମନ୍ତ୍ରାଳୟରୁ ଅଫିସର୍ ସୂଚନା ଦେଉଛନ୍ତି। ରାହୁଲଙ୍କ ଏ ତମାମ ଅଭିଯୋଗର କଡ଼ା କାଉଣ୍ଟର ରଖିଛି ବିଜେପି। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ, ଦେଶକୁ ଭାଙ୍ଗିବାକୁ ଚାହୁଁଥିବା ଶକ୍ତି ସହିତ ହାତ ମିଳାଇଛି କଂଗ୍ରେସ। କଂଗ୍ରେସ ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକୁ ବଦନାମ କରୁଛି। ମିଛ ଜରିଆରେ ରାସ୍ତାରେ ଅରାଜକତା ଓ ଦଙ୍ଗା ବଢାଉଛି। ଆଉ ବ୍ୟାକ୍ ଡୋର୍ ଦେଇ କ୍ଷମତାକୁ ଫେରିବାକୁ ଅପଚେଷ୍ଟା କରୁଛି।

କୋର୍ଟଙ୍କ ନିଷ୍ପତ୍ତି ପ୍ରତିକୂଳ ହେଲେ କଂଗ୍ରେସ ନ୍ୟାୟପାଳିକା ଉପରେ ଆକ୍ରମଣ କରେ। ଯେତେବେଳେ ନିର୍ବାଚନ ହାରେ ସେତେବେଳେ ନିର୍ବାଚନ କମିଶନ ଉପରେ ଆକ୍ରମଣ କରନ୍ତି। ସେହିଭଳି ସାଂସଦ ଅନୁରାଗ ଠାକୁର ମଧ୍ୟ ରାହୁଲଙ୍କୁ ହାୱା ହାୱାଇ ନେତା ବୋଲି କହି ବାରମ୍ବାର କୋର୍ଟରେ କ୍ଷମା ମାଗିବା ସତ୍ତ୍ୱେ କିଛି ବି ଶିଖିଲେନି ବୋଲି ଚେତାଇ ଦେଇଛନ୍ତି।

ଏସ୍‌ଆଇଆରକୁ ନେଇ ରାହୁଲଙ୍କ ଏ ଅଭିଯାନ ଉପରେ ଖୁବ୍ ବର୍ଷିଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। ସେ କହିଛନ୍ତି ଏସ୍‌ଆଇଆରକୁ ନେଇ ବିଭ୍ରାନ୍ତିକର ବାର୍ତ୍ତା ପ୍ରଚାର କରୁଛନ୍ତି ବିରୋଧୀ। ରାହୁଲଙ୍କୁ କଟାକ୍ଷ କରି କହିଛନ୍ତି ଯେ, ଯେତେ ଲଞ୍ଚ୍, ରି-ଲଞ୍ଚ୍ ସତ୍ତ୍ୱେ ରାହୁଲଙ୍କ ପଲିଟିକାଲ ରକେଟ୍ ଟେକ୍ ଅଫ୍ ହୋଇପାରୁନି। ଯାହାକୁ ବିଶ୍ୱସନୀୟତାର ଅଭାବ ବୋଲି କହିଛନ୍ତି ବୈଜୟନ୍ତ।

ସେପଟେ କଂଗ୍ରେସର ଜଣେ ସାଂସଦ ଯୌନ ନିର୍ଯାତନା ପାଇଁ ଜେଏନ୍‌ୟୁରୁ ବହିଷ୍କାର ମାମଲାରେ କଂଗ୍ରେସ କାହିଁକି ଚୁପ୍ ବୋଲି ପ୍ରଶ୍ନ ଉଠାଇଛନ୍ତି ବୈଜୟନ୍ତ। ଏଣେ ଏହି ଘଟଣାକୁ ନେଇ ସୋମବାର ଦିଲ୍ଲୀରେ ବିଜେପି ମହିଳା ମୋର୍ଚ୍ଚା ମଧ୍ୟ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରି ରାହୁଲଙ୍କ କୁଶପୁତ୍ତଳିକା ଦାହ କରିଛି।

## ଏଣିକି ଯନ୍ତରମନ୍ତରରେ ...

ଚାହୁଁଥିବା ବେଳେ ପୁଲିସ ସହ ମୁହାଁମୁହିଁ ସ୍ଥିତି ଦେଖାଯାଇଥିଲା। ଏହାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଏବେ ଏଭଳି ଖବର ସାମ୍ନାକୁ ଆସିଛି।

ପୁଲିସ୍ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ, ପୂର୍ବ ଦିଲ୍ଲୀରେ ଥିବା ରାମଲୀଲା ଗ୍ରାଉଣ୍ଡ, ବୁରାରୀ ଗ୍ରାଉଣ୍ଡ ଓ ସିବିଡି ଗ୍ରାଉଣ୍ଡକୁ ନୂଆ ବିକ୍ଷୋଭ ସ୍ଥଳ ଭାବେ ଚିହ୍ନଟ କରାଯାଇଛି।

ଦିଲ୍ଲୀ ପୁଲିସ୍ କମିଶନର ଅନୁରାଗ କୁମାରଙ୍କ ଦସ୍ତଖତରେ ଏହି ବିଜ୍ଞପ୍ତି ଜାରି ହୋଇଛି। ୨୦୨୨ ଏପ୍ରିଲ ୨୮ରେ ଯନ୍ତରମନ୍ତରକୁ ଧାର୍ଯ୍ୟ ବିକ୍ଷୋଭ ସ୍ଥଳ ଭାବେ ଚିହ୍ନଟ କରାଯାଇଥିଲା। କିନ୍ତୁ ଏବେ ଜାରି ବିଜ୍ଞପ୍ତି ପରେ ପୂର୍ବ ନିର୍ଦ୍ଦେଶ ବଦଳି ଯାଇଛି।

ପୁଲିସର କହିବା କଥା ଯେ ନୂଆ କରି ଚିହ୍ନଟ ହୋଇଥିବା ୩ ବିକ୍ଷୋଭ ସ୍ଥଳରେ ଆନ୍ଦୋଳନ ପାଇଁ ପରବର୍ତ୍ତୀ ସମୟରେ ସଂଶୋଧିତ ଏସ୍‌ଓପି ଜାରି କରାଯିବ। ସେହିପରି ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ସୁପାରିସ୍ ପରେ ପୁଲିସ୍ ଯନ୍ତରମନ୍ତରକୁ ମିଳିଥିବା ଧାରଣା ସ୍ଥଳ ମାନ୍ୟତା ପ୍ରତ୍ୟାହାର କରିଛି।

ଏହି ବିଜ୍ଞପ୍ତି ପୂର୍ବରୁ ସିଜେପି କର୍ମକର୍ତ୍ତା ସୋମବାର ସଂସଦ ମାର୍ଗ ପୁଲିସ୍ ଷ୍ଟେସନରେ ପହଞ୍ଚି ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଅନୁମତି ମାଗିଥିଲେ। ପୁଲିସ୍ ଏହାକୁ ଗ୍ରହଣ କରିଥିବା ବେଳେ ସିଜେପି ପକ୍ଷରୁ ଏହା ଉପରେ ନିଷ୍ପତ୍ତି ନେବାକୁ ୨୪ ଘଣ୍ଟାର ସମୟ ଦିଆଯାଇଥିଲା।

ଯଦି ପୁଲିସ ୨୪ ଘଣ୍ଟା ମଧ୍ୟରେ ଆନ୍ଦୋଳନ ପାଇଁ ସମୟ ନ ଦେବ, ତା'ହେଲେ ଦଳ ତା'ର ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରିବ ବୋଲି ମଧ୍ୟ ସିଜେପି ଚେତାବନୀ ଦେଇଥିଲା।

## ସୁପ୍ରିମକୋର୍ଟରେ...

ରାହୁଲ ଗାନ୍ଧି ଧାର୍ଯ୍ୟ ସମୟ ୪.୩୦ ସୁଦ୍ଧା ସୁପ୍ରିମକୋର୍ଟରେ ପହଞ୍ଚି ପାରି ନଥିବାରୁ ତାଙ୍କ ପକ୍ଷରୁ ଓକିଲ ଏସ୍ ପ୍ରସନ୍ନା ପିଟିସନ ଦାଏର କରିଛନ୍ତି। ରାହୁଲ ଗାନ୍ଧୀଙ୍କ ଓ ଇଣ୍ଡିଆ ବ୍ଲକ ସଦସ୍ୟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କୁ ପ୍ରଥମେ ଭେଟିବାକୁ ଚାହୁଁଥିଲେ। କିନ୍ତୁ ଭୋଟ ଚୋରି ଓ ଏସ୍‌ଆଇଆରକୁ ନେଇ ଆବେଦନ ବିଚାରାଧୀନ ଥିବାରୁ ସେ କାହାକୁ ଭେଟିବାକୁ ମନା କରିଥିଲେ। ଏଥିପାଇଁ ବିରୋଧୀ ମେଣ୍ଟ ମିଳିତ ଭାବେ ଏନେଇ ଗୋଟିଏ ଆବେଦନ ଦାଖଲ କରିଛନ୍ତି। ଜ୍ଞାନେଶ କୁମାରଙ୍କୁ ସିଇସି ପଦରୁ ହଟାଇବା ହେଉଛି ବିରୋଧୀଙ୍କ ପ୍ରମୁଖ ଦାବି। ଏହାବାଦ ରାହୁଲ ଗାନ୍ଧୀ ବନାମ ଭାରତୀୟ ନିର୍ବାଚନ କମିଶନଙ୍କ ମଧ୍ୟରେ ହୋଇଥିବା ପିଟିସିନରେ ଆଉ ୧୦ଟି ବିଷୟ ରହିଛି।

## ରବର୍ଟ ହଲ୍ ଓ...

ଅଫ୍ ସାଇନସେସ୍ ପକ୍ଷରୁ ସୋମବାର ଏହି ଘୋଷଣା କରାଯାଇଛି।ଅର୍ଥନୀତିରେ ଉତ୍ଥାନ-ପତନ, ମୁଦ୍ରାସ୍ଫୀତି, ବେକାରୀ ଓ ମାନ୍ଦାବସ୍ଥା ଭଳି ସମସ୍ୟାର ମୁକାବିଲା କରିବାରେ ଉଭୟଙ୍କ ଗବେଷଣା ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଲୋକଙ୍କ ଖର୍ଚ୍ଚ ଓ ସଞ୍ଚୟ, ବ୍ୟବସାୟିକ ସଂସ୍ଥାଗୁଡ଼ିକର ନିବେଶ ଏବଂ ଭବିଷ୍ୟତ ଅର୍ଥନୀତିକୁ ନେଇ ଲୋକଙ୍କ ଆଶା ଓ ଆଶଙ୍କା କିପରି ସମଗ୍ର ଅର୍ଥନୀତିକୁ ପ୍ରଭାବିତ କରେ, ତାହା ବୁଝିବାରେ ସେମାନଙ୍କ ଗବେଷଣା ସହାୟକ ହୋଇଛି।ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଲେ ଉତ୍ପାଦନ ଓ ନିଯୁକ୍ତି କମିବା ସହ ଲୋକଙ୍କ ଆୟ ଉପରେ ପ୍ରଭାବ ପଡ଼ିଥାଏ। ସେହିପରି ମୁଦ୍ରାସ୍ଫୀତି ବୃଦ୍ଧି ପାଇଲେ ଦରଦାମ ନିୟନ୍ତ୍ରଣ କରିବା ଲାଗି ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କକୁ ବିଭିନ୍ନ ନୀତିଗତ ପଦକ୍ଷେପ ନେବାକୁ ପଡ଼େ। ଏପରି ସ୍ଥିତିରେ କେଉଁ ନୀତି କେତେ ପ୍ରଭାବଶାଳୀ ହେବ ଏବଂ ତାହାର ପରିଣାମ କିପରି ହେବ, ସେ ସମ୍ପର୍କରେ ଆକଳନ କରିବାରେ ଉଭୟ ଅର୍ଥନୀତିଜ୍ଞଙ୍କ ଗବେଷଣା ନୂଆ ଦିଗ ଦେଇଛି। ରବର୍ଟ ଇ. ହଲ୍ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଥିବାବେଳେ ମାଇକେଲ୍ ଉଡଫୋର୍ଡ କଲମ୍ବିଆ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ। ହଲ୍‌ଙ୍କ ଗବେଷଣା ଉପଭୋକ୍ତାଙ୍କ ଖର୍ଚ୍ଚ, ଆୟ ଓ ଅର୍ଥନୈତିକ ଉତ୍ଥାନ-ପତନ ବୁଝିବାରେ ସହାୟକ ହୋଇଥିବାବେଳେ ଉଡଫୋର୍ଡଙ୍କ କାର୍ଯ୍ୟ ମୁଦ୍ରାନୀତି, ସୁଧହାର ଏବଂ ଲୋକଙ୍କ ଆଶା ଅର୍ଥନୀତିକୁ କିପରି ପ୍ରଭାବିତ କରେ, ତାହା ବୁଝିବାରେ ଗୁରୁତ୍ୱ ବହନ କରେ।

## ବଦଳିବ ଶ୍ରୀକ୍ଷେତ୍ରର...

ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍‌ର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକୁ କୌଣସି ଅବହେଳା ନକରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ।

ପୁରୀ ସହରର ଗୌରବ ଓ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଜୀବିକାର ସୁରକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ବିଶେଷ ସଂବେଦନଶୀଳତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଏହା ସମଗ୍ର ଓଡ଼ିଶାର ଅସ୍ମିତା ଓ ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର। ତେଣୁ ଶ୍ରୀକ୍ଷେତ୍ରର ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ବାସ୍ତବରେ ବିଶ୍ୱସ୍ତରୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାସହିତ ସ୍ଥାନୀୟ ସେବାୟତ, ବ୍ୟବସାୟୀ ଏବଂ ଆବାସିକ ନାଗରିକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବ, ସେଥିପ୍ରତି ପ୍ରଶାସନ ସଜାଗ ରହିବା ଜରୁରୀ। ପ୍ରତ୍ୟେକଟି ଯୋଜନାର ଶେଷ ଫଳପ୍ରଦତା ସାଧାରଣ ଜନତାଙ୍କ ପାଖରେ ପହଞ୍ଚିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସଂପୃକ୍ତ ଅଧିକାରୀମାନଙ୍କୁ ସ୍ପଷ୍ଟ ସୂଚନା ଦେଇଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟକାରିତାରେ କୌଣସି ପ୍ରକାରର ଅବହେଳା, ବିଳମ୍ବ କିମ୍ବା ଅନିୟମିତତାକୁ ଆଦୌ ସହ୍ୟ କରାଯିବ ନାହିଁ। ସମସ୍ତ ବିଭାଗୀୟ ଅଫିସର, ଜିଲ୍ଲାପାଳ ଓ ଏସ.ପି.ଙ୍କୁ କ୍ଷେତ୍ରସ୍ତରରେ ନିଜେ ତଦାରଖ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଯୋଜନାଗୁଡ଼ିକ ଯେପରି କେବଳ କାଗଜପତ୍ରରେ ସୀମିତ ନରହି ପ୍ରତ୍ୟକ୍ଷ ଭାବେ ପୁରୀବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ସହାୟକ ହେବ, ସେହି ନିଷ୍ଠା ଓ ଦାୟିତ୍ୱବୋଧର ସହ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ଉନ୍ନୟନ କମିଶନର ଡି.କେ ସିଂହ , ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର , ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ସୁଦାନର ସୁନା ...

କରିନାହିଁ। ଇଜିପ୍ଟ ଏପର୍ଯ୍ୟନ୍ତ ଏହି ଘଟଣା ଉପରେ କୌଣସି ବିବୃତି ଜାରି କରିନାହିଁ। ବିମାନ ଆକ୍ରମଣରୁ ବଞ୍ଚିଯାଇଥିବା ଲୋକଙ୍କ ଅନୁସାରେ ସେମାନେ ଆକ୍ରମଣ ନେଇ ଭୟଭୀତ ହୋଇଯାଇଥିଲେ। ସେମାନେ ଭୟ କରିଥିଲେ ଯେ ଆଉ ଏକ ବିମାନ ଆକ୍ରମଣ ହୋଇପାରେ। ତେଣୁ ସେମାନେ ପାହାଡ଼ରେ ଲୁଚି ରହିଥିଲେ। ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଲଢୁଆ ବିମାନ ଖଣି ଉପରେ ପାଞ୍ଚ ଥର ବୋମାମାଡ଼ କରିଥିଲା।

ମୃତାହତଙ୍କ ସଂଖ୍ୟା ବହୁ ଅଧିକ ହେବାର ଆଶଙ୍କା ରହିଛି। ଆକ୍ରମଣ ପରେ ପ୍ରାରମ୍ଭିକ ଗଣମାଧ୍ୟମ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ୭୨ ବୋଲି କୁହାଯାଇଥିଲା, କିନ୍ତୁ ସ୍ଥାନୀୟ ସଂଗଠନଗୁଡ଼ିକ ଅନୁମାନ କରୁଛନ୍ତି ଯେ ଆକ୍ରମଣ ସମୟରେ ହଜାରେରୁ ଅଧିକ ଲୋକ ଭିନ୍ନ ଭିନ୍ନ ସ୍ଥାନରେ କାମ କରୁଥିଲେ, ତେଣୁ ମୃତାହତଙ୍କ ସଂଖ୍ୟା ବହୁ ଅଧିକ ହେବାର ଆଶଙ୍କା ରହିଛି। କାମ କରୁଥିବା ଶ୍ରମିକ ଭୟରେ ଏଣେତେଣେ ଦୌଡ଼ି ପଳାଇଥିଲେ। ରାସ୍ତାରେ ବହୁ ସଂଖ୍ୟକ କ୍ଷତବିକ୍ଷତ ମୃତଦେହ ପଡ଼ିରହିଥିବା ଗଣମାଧ୍ୟମ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଯଶିପୁର ଓ ଦେବଗଡ...

ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

ସେହିପରି ଦେବଗଡ଼ ଜିଲ୍ଲା, ବାରକୋଟର ବୈକୁଣ୍ଠ ବେହେରା (ପିତା– ଧନୁର୍ଜୟ ବେହେରା)ଙ୍କର ଚେନ୍ନାଇରେ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

## ଏସଆଇଆର୍ ସପକ୍ଷରେ...

ସଂଶୋଧନ (ଏସ୍‌ଆଇଆର) ମାଧ୍ୟମରେ ଭୋଟର ତାଲିକାକୁ ଯୋଗ୍ୟ ଭୋଟରଙ୍କ ଅନୁରୂପ କରିବାରେ ସହାୟତା ମିଳିଥାଏ। ଏହି ପ୍ରକ୍ରିୟାରେ ତାଲିକାରେ ଥିବା ଅସଙ୍ଗତି ଚିହ୍ନଟ କରିବା, ଏକାଧିକ ପଞ୍ଜୀକରଣକୁ ହଟାଇବା ଏବଂ ମୃତ୍ୟୁ କିମ୍ବା ବାସସ୍ଥାନ ପରିବର୍ତ୍ତନ ପରେ ରେକର୍ଡକୁ ଅଦ୍ୟତନ କରିବା ଭଳି କାର୍ଯ୍ୟ କରାଯାଏ। ଏହାଦ୍ୱାରା କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ତାହା ମଧ୍ୟ ସୁନିଶ୍ଚିତ କରାଯାଇପାରେ।

ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଜୋର ଦେଇ କହିଛନ୍ତି ଯେ, ସଂଶୋଧନ ପ୍ରକ୍ରିୟା ସମୟରେ ପ୍ରତ୍ୟେକ ବୈଧ ଭୋଟରଙ୍କୁ ଅନ୍ୟାୟ ଭାବେ ଭୋଟର ତାଲିକାରୁ ବାଦ୍ ପଡ଼ିବାରୁ ସୁରକ୍ଷା ଦେବା ମଧ୍ୟ ସମାନ ଭାବେ ଆବଶ୍ୟକ। ଏଗୁଡ଼ିକ କେବଳ ପ୍ରଶାସନିକ ଔପଚାରିକତା ନୁହେଁ, ବରଂ ନିର୍ବାଚନର ନିରପେକ୍ଷତା, ସମାନ ପ୍ରତିନିଧିତ୍ୱ ଏବଂ ପ୍ରତ୍ୟେକ ଭୋଟର ମର୍ଯ୍ୟାଦା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବିଷୟ।

ଶ୍ରୀ ମାଝୀ ଏସ୍‌ଆଇଆରକୁ ନିର୍ବାଚନ ବ୍ୟବସ୍ଥାର ପବିତ୍ରତା ବଜାୟ ରଖିବା ପାଇଁ ଏକ ଆବଶ୍ୟକ ଓ ସକାରାତ୍ମକ ପ୍ରକ୍ରିୟା ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ନିରପେକ୍ଷତା ଓ ସମ୍ପୂର୍ଣ୍ଣ ସତର୍କତାର ସହ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା ଦ୍ୱାରା ଭୋଟର ତାଲିକାର ବିଶ୍ୱସନୀୟତା ବଜାୟ ରହିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଆହୁରି ସୁଦୃଢ଼ ହେବ।

ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟରେ ଭୋଟର ତାଲିକାର ଶୁଦ୍ଧତା ସୁନିଶ୍ଚିତ କରିବା ସହ ସମସ୍ତ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ମେଡ଼ିକାଲରେ ଆଇସିୟୁ ...

ଲେଖାଯାଇଛି। ଆୟୁଷ୍ମାନ ଭାରତ-ପିଏମ୍‌ଜେଏୱାଇ ଓ ଜିଜେଏୱାଇ ଯୋଜନାରେ ସର୍ଜରୀ କରୁଥିବା ହସ୍ପିଟାଲ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଭୁବନେଶ୍ୱର ଉପକଣ୍ଠରେ ଜମି ବେପାରୀଙ୍କ ଭିଡ଼

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଉପକଣ୍ଠରେ ଥିବା ଜନପଦମାନଙ୍କରେ ଏବେ ଜମି ବେପାରୀମାନଙ୍କ ଭିଡ଼ ବେଶ୍ ଜମି ଉଠିଛି। ବିଶେଷ କରି ବାଲିଅନ୍ତା, ବାଲିପାଟଣା, ପାହାଳ ଥାନାମାନଙ୍କ ଓ ଅଞ୍ଚଳରେ ଏମାନେ ବେଶ୍ ସକ୍ରୀୟ କ୍ରମବର୍ଦ୍ଧିଷ୍ଣୁ ଭୁବନେଶ୍ୱର ସହର ଉପକଣ୍ଠରେ ଥିବା ଚାଷ ଜମି ମାନଙ୍କରେ ଘର ବା ଫାର୍ମ ହାଉସ କରିବା ନିମନ୍ତେ ଲୋକମାନଙ୍କ ଠାରୁ ଅତି ଅଳ୍ପ ଦରରେ କିଣି ବା ଚୁକ୍ତି କରି କ୍ରେତାମାନଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି ସେମାନଙ୍କୁ ଏହି ସବୁ କାର୍ଯ୍ୟରେ ସହଯୋଗ କରୁଥିବା ସ୍ଥାନୀୟ ବେକାରୀ ଯୁବକମାନେ ସହଯୋଗ କରୁଛନ୍ତି ଏପରିକି ଏହି ଥାନା ଅଞ୍ଚଳରେ ଥିବା ତହସିଲ ଓ ରାଜସ୍ୱ ଅଧିକାରୀମାନଙ୍କ ଅଫିସରେ ସେମାନଙ୍କର ପ୍ରାଦୁର୍ଭାବ କମ୍ ନୁହେଁ। ଏହିସବୁ ଥାନା ଅଞ୍ଚଳରେ ଥିବା ଚାଷ ଜମିଗୁଡ଼ିକୁ ନିଜ କବଜାକୁ ନେବା ପରେ ସେମିନ ଲଗାଇ ସମତଳ କରିଦେଉଛନ୍ତି। ଚାଷ ଜମିମାନଙ୍କରେ ପୂର୍ବରୁ ଦେଖାଯାଉଥିବା ଚଉହଦି ହିଡ଼ମାନ ଆଉ ନାହିଁ। ଯେଉଁ ଜମିମାନଙ୍କରେ ଦିନେ ସବୁଜିମା ଭରି ହେଉଥିଲା ତାହା ଦେଖିବାକୁ ମିଳୁନାହିଁ ସେଠାରେ ବିଜୁଳି ଆଲୁଅ ମାନଙ୍କରେ ବେଶ୍ ଆଲୋକିତ ହେଉଥିବା ଦେଖାଯାଉଛି। ପୁରୁଷାନୁକ୍ରମେ ଚଳି ଆସୁଥିବା କ୍ଷେତଗୁଡ଼ିକର ନାମକରଣ ମାନ ବି ଆଉ ନାହିଁ। ତାହା ବଦଳରେ କ୍ରେତାମାନେ ସେମାନଙ୍କ ବଂଶ ନାମରେ ନୂଆ ନାମକରଣମାନ କରିଦେଉଛନ୍ତି। ଇଜମାଇଲରେ ଥିବା ଜମିମାନଙ୍କରେ ଜଣକ ଠାରୁ ତାର ଅଂଶକୁ କିଣିନେଇ ନିଜ ଅକ୍ତିଆରରେ ରଖୁଛନ୍ତି। ଅନ୍ୟ ଅଂଶିଦାରମାନଙ୍କ ସହ ଆଲୋଚନା ନକରି ଜମି ନେବା ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପୁଛି। ଏପରି କଥାକୁ ନେଇ କେତେକ ନ୍ୟାୟାଳୟର ବି ଆଶ୍ରୟ ନେଲେଣି। ପ୍ରାଚୀନ ଶିବ ମନ୍ଦିରମାନଙ୍କରେ ରଜା ଜମିଦାରମାନେ ପୂର୍ବରୁ ଦେଇ ଆସିଥିବା ଜମିମାନଙ୍କର ମାଲିକାନା ପୂଜକ ବଂଶ ନିଜ ନାମରେ କରାଇ ନେଇ ବେଶ୍ ଚଢା ଦରରେ ଜମିଦଲାଲମାନଙ୍କୁ ବିକ୍ରି କରି ପାରୁଛନ୍ତି ଯାହାକି ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ। ବିଶେଷ କରି ବାଲିଅନ୍ତା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏପରି ଘଟୁଛି। ଏହା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ରେକର୍ଡ ସଂଶୋଧନ କରାଯାଉନାହିଁ। ବାଲିଅନ୍ତା ତହସିଲଦାରଙ୍କ କାର୍ଯ୍ୟାଳୟରେ ଜମିଦଲାଲ ଓ ଅସାଧୁ ଲୋକମାନଙ୍କର ବେଶ୍ ଭିଡ଼ ରହୁଛି। ସରକାରୀ ଅର୍ଥରେ ବାଲିଅନ୍ତା – କୁରୁଣ୍ଟି ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିବା ଗଛଗୁଡ଼ିକୁ ବିନା ବିଚାରରେ କାଟି ଦିଆଯାଉଛି। ରାସ୍ତାର ପ୍ରଶସ୍ତି କରଣ ନାମରେ ଏପରି କାର୍ଯ୍ୟମାନ ହେଉଛି। ଦୀପତଳ ଅନ୍ଧାର ଭଳି ରାଜଧାନୀର ଉପକଣ୍ଠରେ ଥିବା ଏହି ସବୁ ଅଞ୍ଚଳରେ ହୋଇଯାଉଥିବା କାର୍ଯ୍ୟମାନଙ୍କରେ ଜନ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଉଛି। କୁଶଭଦ୍ରା ବା କୁଆଖାଇ ନଦୀମାନଙ୍କରୁ ବିନା ଅନୁମୋଦନରେ ବାଲି ଉଠାଯାଇ ଚାଷ ଜମିମାନଙ୍କରେ ଗଦା ହୋଇଥିବାର ଦେଖାଯାଉଛି। ଯଦି ଏହି ଅଞ୍ଚଳରେ ପଶି ଏହା ଅନୁସନ୍ଧାନ କରାଯାଏ ଚାଷ ଜମିମାନଙ୍କରେ ବାଲି କୁଦମାନ ଦେଖି ପାରିବେ। ରାଜସ୍ୱ ବିଭାଗର କର୍ମକର୍ତ୍ତାମାନେ ଏହିସବୁ ଅଞ୍ଚଳମାନଙ୍କରେ ଥରେ ମାତ୍ର ତଦନ୍ତ କଲେ ତାହାର ସତ୍ୟତାକୁ ଦେଖିପାରନ୍ତେ।

### ଟ୍ରେନ୍ ନିରାପତ୍ତା ପ୍ରତି ସତର୍କତା ଓ କର୍ତ୍ତବ୍ୟନିଷ୍ଠା ପାଇଁ

# ତିନି ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ତିନି ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି। ଜୁଲାଇ ଓ ଅଗଷ୍ଟ ୨୦୨୬ ମାସରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ ଅଧିକାରୀମାନେ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ନେଇପାରିଥିଲେ। ଏହାଦ୍ୱାରା ସୁରକ୍ଷିତ ଓ ସୁଚାରୁ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ସମ୍ଭବ ହୋଇପାରିଥିଲା । ସମ୍ବର୍ଦ୍ଧିତ ରେଳ କର୍ମଚାରୀମାନେ ହେଲେ: ସାରଦା ପ୍ରସାଦ ସାହୁ, ଟ୍ରାକ୍ ମେଣ୍ଟେନର-୪, ବଡ଼ବନ୍ଧ, ଖୋର୍ଦ୍ଧା ରୋଡ୍ ମଣ୍ଡଳ। ତ୍ରିନାଥ ସେଲମା, ଟ୍ରାକ୍ ମେଣ୍ଟେନର-୪, କଣ୍ଟାବାଞ୍ଜି, ସମ୍ବଲପୁର ମଣ୍ଡଳ। ଶୁଭମ ସା, ଟ୍ରାକ୍ ମେଣ୍ଟେନର-୪, ସମ୍ବଲପୁର ମଣ୍ଡଳ। ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ଏହି ରେଳ



କର୍ମଚାରୀମାନେ ଅସାଧାରଣ ସତର୍କତା ପ୍ରଦର୍ଶନ କରି ରେଳ ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବା ସହ ତୁରନ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ସେମାନଙ୍କର ତ୍ୱରିତ ସୂଚନା ଆଧାରରେ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ନିଆଯାଇ ରେଳ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରାଯାଇପାରିଥିଲା। ରେଳ ନିରାପତ୍ତା ବଜାୟ ରଖିବାରେ କ୍ଷେତ୍ର ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ସତର୍କତା, ଦାୟିତ୍ୱବୋଧ ଓ ତ୍ୱରିତ ପଦକ୍ଷେପର ଗୁରୁତ୍ୱକୁ ଏହା ପ୍ରତିପାଦିତ କରିଛି। ପୂର୍ବତଟ ରେଳପଥ ରେଳ ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦେଇ ଏକ ସୁଦୃଢ଼ ନିରାପତ୍ତା ସଂସ୍କୃତି ଗଠନ ଦିଗରେ ନିରନ୍ତର ପ୍ରୟାସ କରୁଛି। ଏଥିପାଇଁ ସମସ୍ତ ସ୍ତରର ରେଳ କର୍ମଚାରୀଙ୍କୁ କର୍ତ୍ତବ୍ୟ ସମ୍ପାଦନ ସମୟରେ ସତର୍କ ରହିବା, ଯେକୌଣସି ଅସ୍ୱାଭାବିକ ଘଟଣା କିମ୍ବା ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିକୁ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ଏବଂ ଆବଶ୍ୟକ ସମନ୍ୱୟ ରକ୍ଷା କରିବାକୁ ଉତ୍ସାହିତ କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ଟ୍ରେନ୍ ଚଳାଚଳର ନିରାପତ୍ତା ଓ ନିର୍ଭରଯୋଗ୍ୟତା ବୃଦ୍ଧି ସହ ରେଳ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେଉଛି। କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ସତର୍କତା, କର୍ତ୍ତବ୍ୟନିଷ୍ଠା ଓ ଦାୟିତ୍ୱବୋଧର ଉଚ୍ଚ ପ୍ରଶଂସା କରିଥିଲେ। ଟ୍ରେନ୍ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରିବାରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ ରେଳ କର୍ମଚାରୀଙ୍କୁ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନରେ ସମାନ ସତର୍କତା ଓ ନିଷ୍ଠା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ବ୍ୟକ୍ତିଗତ ଦାୟିତ୍ୱବୋଧ, ସାମୂହିକ ପ୍ରୟାସ ଓ ସମୟୋଚିତ ପଦକ୍ଷେପ ଏକ ସୁଦୃଢ଼ ରେଳ ନିରାପତ୍ତା ବ୍ୟବସ୍ଥାର ମୂଳଭିତ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

# ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ସମ୍ବଲପୁର ଜିଲ୍ଲା ପ୍ରଶାସନକୁ ଆମ୍ବୁଲାନ୍ସ ପ୍ରଦାନ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ (ଏନ୍‌ଏଲ୍‌ସିଆଇଏଲ୍)ର ତାଳବିରା ଦ୍ୱିତୀୟ ଓ ତୃତୀୟ ଓପନ୍ କାଷ୍ଟ ପ୍ରକଳ୍ପ ପକ୍ଷରୁ କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର) ପଦକ୍ଷେପ ଅଧୀନରେ ୯ ଅକ୍ଟୋବର ୨୦୨୬ ତାରିଖରେ ସମ୍ବଲପୁର ଜିଲ୍ଲାର ରେଙ୍ଗାଲିଠାରେ ସମ୍ବଲପୁର ଜିଲ୍ଲା ପ୍ରଶାସନକୁ ଆଉ ଏକ ମୌଳିକ ଜୀବନ ରକ୍ଷାକାରୀ (ବେସିକ୍ ଲାଇଫ୍ ସପୋର୍ଟ– ବିଏଲ୍‌ଏସ୍) ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜରୁରୀକାଳୀନ ଚିକିତ୍ସା ସେବାକୁ ଅଧିକ ସୁଗମ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଆମ୍ବୁଲାନ୍ସକୁ ସମ୍ବଲପୁରର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମାନ୍ୟବର ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇଏଏସ୍ ଏବଂ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏନ୍‌ଏଲ୍‌ସିଆଇଏଲ୍ ପକ୍ଷରୁ ରଘୁନାଥ ବେହେରା, ସିଜିଏମ୍ ଏବଂ ସୁବ୍ରତ କୁମାର ବିଶ୍ୱାଳ, ହେଡ୍ ଅଫ୍ ହ୍ୟୁମାନ୍ ରିସୋର୍ସେସ୍‌ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଆମ୍ବୁଲାନ୍ସକୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପରିଚାଳନା ଓ ବ୍ୟବହାର କରାଯିବ। ଏହା ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନଙ୍କୁ ତ୍ୱରିତ ଚିକିତ୍ସା ସହାୟତା ଯୋଗାଇବା ସହ ସୁରକ୍ଷିତ ଭାବେ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାରେ ସହାୟକ ହେବ। ବିଶେଷକରି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ବ୍ୟକ୍ତି, ନିରାଶ୍ରୟ ଓ ଅନ୍ୟାନ୍ୟ ଅସହାୟ ତଥା ଆବଶ୍ୟକତା ଥିବା ବ୍ୟକ୍ତିମାନଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ନିଜର ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଅତ୍ୟାବଶ୍ୟକ ଜନସେବା କ୍ଷେତ୍ରରେ ନିରନ୍ତର ଅବଦାନ ରଖିଆସୁଛି। ନିରନ୍ତର ବିକାଶ, ସାମାଜିକ କଲ୍ୟାଣ ଓ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ସହ କାର୍ଯ୍ୟକ୍ଷେତ୍ର ଏବଂ ଏହାର ଆଖପାଖ ଅଞ୍ଚଳର ଲୋକମାନଙ୍କ ଜୀବନମାନର ଉନ୍ନତି ପାଇଁ କମ୍ପାନୀ ପ୍ରତିବଦ୍ଧ।




# କଟକର ଉପର ବାଲିଯାତ୍ରା ପଡ଼ିଆରେ ଏସ୍‌ବିଆଇ କାର ଲୋନ୍ ଏକ୍ସପୋକୁ ଜନସାଧାରଣଙ୍କ ବ୍ୟାପକ ସମର୍ଥନ

**କଟକ, ନ୍ୟୁଜ ବ୍ୟୁରୋ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ), କଟକ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ (ଆରବିଓ) ପକ୍ଷରୁ ରବିବାର କଟକର ଉପର ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ କାର ଲୋନ୍ ଏକ୍ସପୋକୁ ଜନସାଧାରଣଙ୍କଠାରୁ ବ୍ୟାପକ ସମର୍ଥନ ମିଳିଛି।

ଏହି ଏକ୍ସପୋକୁ ଏସ୍‌ବିଆଇର ଉପମହାପ୍ରବନ୍ଧକ ଏସ୍. ବଦଲାମଣି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସ୍‌ବିଆଇ କଟକର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅର୍ଶ୍ମିନ ଅନୁପମ ପ୍ରହରାଜ ଉପସ୍ଥିତ ଥିଲେ। କଟକ ଓ ଭୁବନେଶ୍ୱରର ପ୍ରାୟ ୨୫ଟି ଅଟୋମୋବାଇଲ୍ ଡିଲର ଏହି ଏକ୍ସପୋରେ ଅଂଶଗ୍ରହଣ କରି ବିଭିନ୍ନ ମଡେଲ୍‌ର କାର ପ୍ରଦର୍ଶନ କରିଥିଲେ। ଫଳରେ ଗ୍ରାହକମାନେ ଗୋଟିଏ ସ୍ଥାନରେ ବିଭିନ୍ନ କାର ଦେଖିବା ସହ ତୁଳନା କରି ନିଜ ପସନ୍ଦର ଗାଡ଼ି ବାଛିବାର ସୁଯୋଗ ପାଇଥିଲେ। ଏହା ସହିତ ଏସ୍‌ବିଆଇର ବିଭିନ୍ନ କାର ଋଣ ଯୋଜନା, ଆକର୍ଷଣୀୟ ଋଣ ସୁବିଧା ଓ ଗାଡ଼ି କିଣିବା ସମୟରେ ମିଳୁଥିବା ବିଭିନ୍ନ ଲାଭ ସମ୍ପର୍କରେ ଗ୍ରାହକମାନେ ଅବଗତ ହୋଇଥିଲେ।

କାର ଋଣ ସୁବିଧାର ପ୍ରଚାର ସହିତ ଏସ୍‌ବିଆଇ ପକ୍ଷରୁ ସୁରକ୍ଷିତ ଓ ସୁବିଧାଜନକ ବ୍ୟାଙ୍କିଂ ସେବା ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଆଞ୍ଚଳିକ କାର୍ଯ୍ୟାଳୟ ଓ କଟକ ସହରର ବିଭିନ୍ନ ଶାଖାର ବ୍ୟାଙ୍କ ଅଧିକାରୀମାନେ ଗ୍ରାହକଙ୍କ ସହ ଆଲୋଚନା କରି ସାଇବର ସୁରକ୍ଷା, ନିରାପଦ ଡିଜିଟାଲ୍ ବ୍ୟାଙ୍କିଂ ଏବଂ ହ୍ୱାଟ୍ସଆପ୍ ବ୍ୟାଙ୍କିଂ ସମେତ ବିଭିନ୍ନ ଡିଜିଟାଲ୍ ସେବାର ଉପକାରିତା ବିଷୟରେ ସୂଚନା ଦେଇଥିଲେ। ଏଥିସହ ସାମାଜିକ ସୁରକ୍ଷା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ମଧ୍ୟ ଗ୍ରାହକଙ୍କୁ ଅବଗତ କରାଯାଇଥିଲା। ଏହି ଏକ୍ସପୋରେ କାର କିଣିବାକୁ ଇଚ୍ଛୁକ ଗ୍ରାହକଙ୍କ ସମେତ ସାଧାରଣ ଲୋକଙ୍କ ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା। ଗୋଟିଏ ମଞ୍ଚରେ ଅଟୋମୋବାଇଲ୍ ଡିଲର ଓ ବ୍ୟାଙ୍କିଂ ସେବାକୁ ଏକାଠି କରିବା ଦ୍ୱାରା ଗ୍ରାହକମାନେ ସହଜରେ ଆବଶ୍ୟକ ସୂଚନା ଓ ସହାୟତା ପାଇପାରିଥିବାରୁ ଏସ୍‌ବିଆଇର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଏହି ସଫଳ ଆୟୋଜନ ଗ୍ରାହକକୈନ୍ଦ୍ରିକ ବ୍ୟାଙ୍କିଂ ସେବା, ଆର୍ଥିକ ସଚେତନତା ଓ ସାମାଜିକ ସମ୍ପୃକ୍ତି ପ୍ରତି ଏସ୍‌ବିଆଇର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଗ୍ରାହକଙ୍କୁ ସଠିକ୍ ନିଷ୍ପତ୍ତି ନେବାରେ ସହାୟତା କରିବା ସହ ଆଧୁନିକ ବ୍ୟାଙ୍କିଂ ସେବାର ସୁବିଧା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ଏହି ପଦକ୍ଷେପକୁ ବ୍ୟାପକ ପ୍ରଶଂସା ମିଳିଛି।






ଉତ୍କଳ ଦୀପିକା

ଭୁବନେଶ୍ୱର, ୧୩ ଅକ୍ଟୋବର, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ବୁଧବାର ବସିବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ

# କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ ଉପରେ ହେବ ଆଲୋଚନା



**ପୁରୀ,୧୨/୧୦ ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୪ରେ ବସିବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ । ଶ୍ରୀମନ୍ଦିର ସଦର କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହେବ । ଅପରାହ୍ଣ ୫ଟାରୁ ହେବାକୁ ଥିବା ଏହି ବୈଠକରେ ସମସ୍ତ ସେବାୟତ ନିଯୋଗ ପ୍ରତିନିଧି ଉପସ୍ଥିତ ରହିବା ସହ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ଅଧକ୍ଷତା କରିବେ। ଅକ୍ଟୋବର ୨୨ରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟର ଅନୁମୋଦନ କରିପାରେ ଛତିଶା ନିଯୋଗ।

# ବଗଳାମୁଖୀ ବେଶରେ ଦର୍ଶନ ଦେଲେ ମା' ଗଡ଼ଚଣ୍ଡୀ

**କଟକ, ୧୨/୧୦ ନ୍ୟୁଜ ବ୍ୟୁରୋ**

ନବରାତ୍ରିର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କଟକର ପ୍ରସିଦ୍ଧ ଶକ୍ତିପୀଠ ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ବଗଳାମୁଖୀ ବେଶରେ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ମା'ଙ୍କ ଜୟଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି ସମଗ୍ର ମନ୍ଦିର ପରିସର। ଦେବୀଙ୍କ ଦିବ୍ୟ ବେଶ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଶକ୍ତିପୀଠରେ ପହଞ୍ଚିଥିଲେ। ମା' ଗଡ଼ଚଣ୍ଡୀଙ୍କ ପୀଠରେ ଏବେ ଷୋଡ଼ଶ ଉପଚାର ପୂଜା ଚାଲିଥିବା ବେଳେ ସୋମବାର ଏହାର ଦଶମ ଦିବସ। ଅନ୍ୟପକ୍ଷରେ ନବରାତ୍ରି ପୂଜାର ଦ୍ୱିତୀୟ ଦିନ ଅବସରରେ ମା'ଙ୍କୁ ବଗଳାମୁଖୀ ବେଶରେ ସୁସଜ୍ଜିତ କରାଯାଇଥିଲା। ପ୍ରାତଃକାଳରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ପ୍ରାରମ୍ଭିକ ନୀତିକାନ୍ତି ସମାପନ ପରେ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଦେବୀଙ୍କ ନିକଟରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଚାଲିଥିବା ବେଳେ ପୀଠରେ ଧାର୍ମିକ ଶ୍ରଦ୍ଧା ଓ ଭକ୍ତିର ପରିବେଶ ଅନୁଭୂତ ହୋଇଥିଲା। ନବରାତ୍ରି ସମୟରେ ଦେବୀଙ୍କ ଉପାସନା, ବିଭିନ୍ନ ପୂଜାବିଧି ଓ ବିଶେଷ ବେଶ ଦର୍ଶନର ଗୁରୁତ୍ୱ ରହିଛି। ଏହି ଅବସରରେ ଭକ୍ତମାନେ ମା'ଙ୍କ ନିକଟରେ ଦୀପ ଓ ଧୂପ ଅର୍ପଣ କରିବା ସହ ନିଜ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରୁଛନ୍ତି। ମା'ଙ୍କ ବଗଳାମୁଖୀ ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆଧ୍ୟାତ୍ମିକ ତୃପ୍ତି ଲାଭ କରିଥିବା ବେଳେ ପୂଜାର୍ଚ୍ଚନାକୁ ନେଇ ପୀଠରେ ଭକ୍ତଙ୍କ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା।



# ମା' ଝାଞ୍ଜିରୀ ମଙ୍ଗଳାଙ୍କ ସରସ୍ୱତୀ ବେଶ

**କଟକ, ୧୨/୧୦ ନ୍ୟୁଜ ବ୍ୟୁରୋ**

ଶକ୍ତିପୀଠରେ ଚାଲିଛି ମା'ଙ୍କ ଷୋଡ଼ଶ ଉପଚାର ପୂଜା । ସୋମବାର ଷୋଡ଼ଶ ଉପଚାର ପୂଜାର ଦଶମ ଦିନ ହୋଇଥିବା ବେଳେ ନବରାତ୍ରୀ ପୂଜାର ଦ୍ୱିତୀୟ ଦିନ। ଏହି ଅବସରରେ ମା' ଝାଞ୍ଜିରୀ ମଙ୍ଗଳା ସରସ୍ୱତୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସକାଳେ ମା'ଙ୍କ ମଙ୍ଗଳ ଆଳତି ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ମା'ଙ୍କ ଦିବ୍ୟ ସରସ୍ୱତୀ ବେଶ ଦର୍ଶନ କରିବା ପାଇଁ ଶକ୍ତିପୀଠରେ ଭକ୍ତମାନଙ୍କ ସମାଗମ ଦେଖିବାକୁ ମିଳିଛି । ଭକ୍ତମାନେ ମା'ଙ୍କ ଦର୍ଶନ କରି ନିଜ ପରିବାରର ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଛନ୍ତି । ନବରାତ୍ରୀ ଅବସରରେ ମା'ଙ୍କ ବିଭିନ୍ନ ବେଶ ଓ ପୂଜାବିଧିକୁ ନେଇ ଶକ୍ତିପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।



# ବାଙ୍କୀ କଲେଜରେ ବୋମାମାଡ଼ : ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ



**କଟକ, ୧୨/୧୦ ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୋମାମାଡ଼ ଅଭିଯୋଗକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଘଟଣାର ତଦନ୍ତ ପାଇଁ ସୋମବାର କଲେଜ ପରିସରରେ ପହଞ୍ଚିଛି ତିନି ଜଣିଆ ସାଇଣ୍ଟିଫିକ୍ ଟିମ୍। ଟିମ୍ ପକ୍ଷରୁ ଘଟଣାସ୍ଥଳରେ ଅନୁଧ୍ୟାନ କରାଯିବା ସହ ବିଭିନ୍ନ ଦିଗରୁ ପ୍ରମାଣ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଉଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୋମାମାଡ଼ ହୋଇଥିବା ଅଭିଯୋଗ ଆସିଥିଲା। ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ଘଟଣାକୁ ନେଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ତେବେ କେତୋଟି ବୋମାମାଡ଼ ହୋଇଥିଲା, ଏହା ପଛରେ କେଉଁ କାରଣ ରହିଛି ଏବଂ କେଉଁମାନେ ଏଥିରେ ସମ୍ପୃକ୍ତ, ସେ ସମ୍ପର୍କରେ ଏଯାଏଁ ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ଅନୁଧ୍ୟାନ ପରେ ବୋମାମାଡ଼ର ପ୍ରକୃତି ଓ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ସ୍ପଷ୍ଟତା ଆସିବା ଆଶା କରାଯାଉଛି। ଅନ୍ୟପକ୍ଷରେ, କଲେଜ ପରିସରରେ ଏଭଳି ଘଟଣା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। ତଦନ୍ତ ଆଗକୁ ବଢ଼ିବା ସହ ଘଟଣାର ପ୍ରକୃତ କାରଣ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ସମ୍ଭାବନା ରହିଛି। ସେହିପରି ବାଙ୍କୀ କଲେଜ ଛାତ୍ରସଂସଦ ନିର୍ବାଚନ ବାତିଲ। ଛାତ୍ରସଂସଦ ନିର୍ବାଚନ-୨୦୨୬କୁ ବାତିଲ କରିଛନ୍ତି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ। ଆସନ୍ତା ୧୫ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ବର୍ତ୍ତମାନର ପରିସ୍ଥିତି ଏବଂ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଲେଜକୁ ସାଇନ୍ ଡାଏ ଘୋଷଣା କରାଯାଇଥିବା ସୂଚନା ମିଳିଛି । ଆବଶ୍ୟକ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ ହେବା ପରେ କଲେଜ ଖୋଲିବା ନେଇ ସୂଚନା ଦିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ଦୀପାବଳିରେ ବାଣଫୁଟାକୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଧର୍ମ ସହିତ ବାଣଫୁଟାର କ'ଣ ସମ୍ପର୍କ

**ନୂଆଦିଲ୍ଲୀ, ୧୨/୧୦**

ଦୀପାବଳିରେ ଦିଲ୍ଲୀ-ଏନସିଆରରେ ବାଣ ଫୁଟାଇବା ଉପରେ ପ୍ରତିବନ୍ଧକ ସମ୍ପର୍କରେ ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଆମେ ବାଣ ଫୁଟାଇବା ନିଷେଧ କରିବା ପାଇଁ ନିର୍ଦ୍ଦେଶ ଜାରି କରିବା ମାତ୍ରେ ଲୋକମାନେ ଦିନରେ ବାଣ ଫୁଟାଇବା ଆରମ୍ଭ କରିବେ । ଆମେ ଧାର୍ମିକ ଭାବନାକୁ ଆଘାତ ଦେବୁ ନାହିଁ, ଆମେ ଏକ ସନ୍ତୁଳିତ ଆଭିମୁଖ୍ୟ ଖୋଜିବୁ । ଶୁଣାଣି ସମୟରେ ସିଜେଆଇ କହିଛନ୍ତି ଯେ ଏକ ବ୍ୟବହାରିକ ଏବଂ ସନ୍ତୁଳିତ ଆଭିମୁଖ୍ୟ ଆବଶ୍ୟକ । ଜନସାଧାରଣଙ୍କୁ ବାଣ ଫୁଟାଇବାର ବ୍ୟବହାରକୁ ଏକ ନିର୍ଦ୍ଦିଷ୍ଟ ଘଣ୍ଟା ମଧ୍ୟରେ ସୀମିତ ରଖିବା ପାଇଁ ବିଚାର କରିବା ଲାଗି ଆମ ପାଖରେ ଏପର୍ଯ୍ୟନ୍ତ ଯଥେଷ୍ଟ ସମୟ ଅଛି। ଶୁଣାଣି ସମୟରେ, ଆଇନଜୀବୀ ଯୁକ୍ତି ଦେଇଛନ୍ତି ଯେ, ବାଣ ଫୁଟାଇବା ଧର୍ମର ମୌଳିକ ଅଧିକାର ନୁହେଁ । ସେ କହିଛନ୍ତି, ପୂଜା ଧାର୍ମିକ ବିଶ୍ୱାସର ଏକ ଅଂଶ, କିନ୍ତୁ ବାଣ ଫୁଟାଇବା ନୁହେଁ। ସେ ମନ୍ତବ୍ୟ ଦେଇଥିଲେ ଯେ ଏହା ଦେଖି ଈଶ୍ୱର ମଧ ଆଶ୍ଚର୍ଯ୍ୟ ହୋଇଥିବେ । ସିଜେଆଇ ଉତ୍ତର ଦେଇଛନ୍ତି, ଆମେ ଧାର୍ମିକ ଭାବନାକୁ ଆଘାତ ଦେବୁ ନାହିଁ, ବରଂ ଏକ ସନ୍ତୁଳିତ ଆଭିମୁଖ୍ୟ ବିଷୟରେ ବିଚାର କରିବୁ। ସିଜେଆଇ ସୂର୍ଯ୍ୟକାନ୍ତ ଏହା ମଧ କହିଛନ୍ତି, ନାଗରିକ ଏବଂ ନାଗରିକ ସମାଜ ବର୍ତ୍ତମାନର ପରିସ୍ଥିତି ବିଷୟରେ ସଚେତନ ରହିଲେ ଏବଂ ସେମାନଙ୍କର ଦାୟିତ୍ୱ ବୁଝିଲେ ଭଲ ହେବ। ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ପଚାରିଥିଲେ ଯେ, ଧର୍ମର ବାଣ ସହିତ କ'ଣ ସମ୍ପର୍କ ଅଛି। କୋର୍ଟକୁ ସହାୟତା କରୁଥିବା ଆମିକସ୍ କ୍ୟୁରି ଅପରାଜିତା ସିଂହ କହିଛନ୍ତି, ଏହି ଯୁକ୍ତି ପ୍ରତ୍ୟେକ ଥର କରାଯାଉଛି । ସେ କହିଛନ୍ତି, ଯଦି ଭଗବାନ ଜାଣିଥାନ୍ତେ ଯେ ତାଙ୍କ ନାମରେ ପିଲାମାନେ କଷ୍ଟ ପାଉଛନ୍ତି ଏବଂ ଅସୁସ୍ଥ ହେଉଛନ୍ତି, ତେବେ ସେ ନିଶ୍ଚିତ ଆଶ୍ଚର୍ଯ୍ୟ ହୋଇଯିବେ। ସିଜେଆଇ ସୂର୍ଯ୍ୟକାନ୍ତ ପ୍ରତିକ୍ରିୟା ଦେଇଛନ୍ତି, କୋର୍ଟ ଧାର୍ମିକ ଭାବନାକୁ ଆଘାତ ଦେବାକୁ ଚାହାନ୍ତି ନାହିଁ । ସର୍ବୋତ୍ତମ ଉପାୟ ହେଉଛି ଲୋକମାନେ ଆତ୍ମନିରୀକ୍ଷଣ କରିବା। ସଚେତନତା ବୃଦ୍ଧି ପାଇଁ ମଧ ପଦକ୍ଷେପ ନିଆଯାଇପାରିବ। ଅପରାଜିତା ସିଂହ କହିଛନ୍ତି ଯେ ଏହା ଆଦର୍ଶ ପରିସ୍ଥିତି ହେବ। କିନ୍ତୁ ଦୁର୍ଭାଗ୍ୟବଶତଃ, ପ୍ରତିବର୍ଷ ସମାନ ଯୁକ୍ତି ଏବଂ ଘଟଣା ପୁନରାବୃତ୍ତି ହେଉଛି । ସୁପ୍ରିମକୋର୍ଟ ଅକ୍ଟୋବର ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବେ।



# ସେବା ସଂକଳ୍ପ ଅଭିଯାନ: ରାଜ୍ୟରେ ସାମିଲ ହେଲେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୧୨।୧୦ ନ୍ୟୁଜ ବ୍ୟୁରୋ**

ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ୟୁନିଟ୍-୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ୪୮ ହଜାରରୁ ଅଧିକ ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ ଅବସରରେ "ମୋ ସ୍ୱପ୍ନର ଭାରତ" ବିଷୟବସ୍ତୁକୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ଛାତ୍ରଛାତ୍ରୀମାନେ ତୂଳୀ, କାଗଜ ମାଧ୍ୟମରେ ନିଜ ନିଜ ସ୍ୱପ୍ନର ଭାରତକୁ ଆଙ୍କିଥିଲେ। ବିକଶିତ ଭାରତ ଗଠନରେ ନିଜର ପରିକଳ୍ପନାକୁ ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଜୀବନ୍ତ କରିପାରିଛନ୍ତି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ସେହିପରି ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ବାବୁ ସିଂ କହିଛନ୍ତି, ପୂର୍ବସୂରୀମାନଙ୍କ ନୀତି ଓ ଆଦର୍ଶକୁ ବିକଶିତ ଓଡ଼ିଶା ଗଠନରେ ବ୍ୟବହାର କରିବାର ଆବଶ୍ୟକତା ରହିଛି। ଛାତ୍ରଛାତ୍ରୀଙ୍କ ଅବଦାନରେ ପ୍ରତି କ୍ଷେତ୍ରରେ ରାଜ୍ୟ ବିକାଶ ଲାଭ କରିବ ଓ ଦେଶର ସର୍ବୋତ୍ତମ ରାଜ୍ୟ ଭିତରେ ଓଡ଼ିଶା ରହିବ ବୋଲି ସେ ମତପ୍ରକାଶ କରିଛନ୍ତି । ସେହିପରି ବିଧାୟକ ଅନନ୍ତ ଜେନା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭାଗର ପ୍ରୟାସକୁ ପ୍ରଶଂସା କରିଛନ୍ତି । ଏହି ଅବସରରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ରଖିଥିଲେ। ସେ କହିଛନ୍ତି, ରାଜ୍ୟର ୩୦ ଗୋଟି ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ମୋଟ୍ ୧୨ ଲକ୍ଷ ୫୦ ହଜାର ଛାତ୍ରଛାତ୍ରୀ, ଅଭିଭାବକ, ସମୁଦାୟ, ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ସେବା ସଂକଳ୍ପ ଅଭିଯାନକୁ ନେଇ ପ୍ରଥମେ ବିଦ୍ୟାଳୟସ୍ତରୀୟ, ପରେ ପରେ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିସହ ଛାତ୍ରଛାତ୍ରୀମାନଙ୍କ ଚିତ୍ରାଙ୍କନକୁ ନେଇ ପ୍ରଦର୍ଶନୀ ମଧ୍ୟ ଆୟୋଜିତ କରାଯାଇଛି। ରାଜ୍ୟସ୍ତରର ପ୍ରତିଯୋଗିତାରେ ୧୮୦ ଜଣ କୃତି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ତିନୋଟି ବିଭାଗରେ ଉଭୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର ଶ୍ରେଷ୍ଠ ୧୮ ଜଣଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୱାର୍ଡ ନଂ ୪୦ର କର୍ପୋରେଟର୍ ଆସିୟା ବେଗମ୍, ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଡଃ ଏନ୍.ତିରୁମାଲା ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଙ୍ଗୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୨/୧୦/୨୦୨୬
5,04,561/- ଟଙ୍କା
ସୁନା:- ୧୪ଗ୍ରାମ୍ ୨୦୦ ମିଲିଗ୍ରାମ୍
ରୂପା:- ୧୨୨ଗ୍ରାମ୍‌୪୦୦ ମିଲିଗ୍ରାମ୍

## ଏବିଇଓ ଜୟଦେବ ଜେନାଙ୍କ ଠିକଣାରେ ଭିଜିଲାନ୍ସ ଚଢ଼ଉ

# ୩ଟି ବହୁତଳ କୋଠା ଓ ୧୯ଟି ପ୍ଲଟ୍ ଠାବ

**ଭୁବନେଶ୍ୱର, ୧୨/୧୦ ନ୍ୟୁଜ ବ୍ୟୁରୋ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଯାଜପୁର ଜିଲ୍ଲା ଧର୍ମଶାଳାରେ କାର୍ଯ୍ୟରତ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ (ଏବିଇଓ) ଜୟଦେବ ଜେନାଙ୍କ ସହ ସମ୍ପୃକ୍ତ ୭ଟି ସ୍ଥାନରେ ସୋମବାର ଏକକାଳୀନ ଚଢ଼ଉ ଆରମ୍ଭ କରିଛି ଓଡ଼ିଶା ଭିଜିଲାନ୍ସ। ଏପର୍ଯ୍ୟନ୍ତ ହୋଇଥିବା ତଲାସୀରୁ ୩ଟି ବହୁତଳ କୋଠା, ୧୯ଟି ମୂଲ୍ୟବାନ ପ୍ଲଟ୍ ଏବଂ ଗୋଟିଏ ଚାରିଚକିଆ ଗାଡ଼ି ସମେତ ଅନେକ ସମ୍ପତ୍ତିର ସନ୍ଧାନ ମିଳିଛି। ଭିଜିଲାନ୍ସର ପୃଥକ୍ ପୃଥକ୍ ଟିମ୍ ଭୁବନେଶ୍ୱର, ଗଞ୍ଜାମ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ତଲାସୀ ଅଭିଯାନ ଚଳାଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି। ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ତଲାସୀ ୱାରେଣ୍ଟ ଆଧାରରେ ଏହି ଚଢ଼ଉ କରାଯାଉଛି। ଭିଜିଲାନ୍ସର ପ୍ରାଥମିକ ତଦନ୍ତରୁ ଜୟଦେବ ଜେନା ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୩ଟି ବହୁତଳ କୋଠା ଥିବା ଜଣାପଡ଼ିଛି। ଏଥିମଧ୍ୟରେ ଭୁବନେଶ୍ୱରର ପାତ୍ରପଡ଼ାରେ ପ୍ରାୟ ୪,୩୦୦ ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ ଏକ ତିନିମହଲା ବିଶିଷ୍ଟ ବିଳାସପୂର୍ଣ୍ଣ କୋଠା ରହିଛି। ଏହା ବ୍ୟତୀତ ଗଞ୍ଜାମ ଜିଲ୍ଲାର ପି. ନୂଆଗାଁରେ ପ୍ରାୟ ୩,୮୫୦ ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ ଏକ ଦୁଇମହଲା କୋଠା ଏବଂ ସେହି ଅଞ୍ଚଳରେ ପ୍ରାୟ ୭,୧୦୦ ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ ଅନ୍ୟ ଏକ କୋଠାର ସନ୍ଧାନ ମିଳିଛି। ଭିଜିଲାନ୍ସ ଅଧିକାରୀଙ୍କ ସୂଚନା ଅନୁସାରେ, ଭୁବନେଶ୍ୱର ବ୍ୟତୀତ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ଓ କୋଦଳାରେ ମୋଟ ୧୯ଟି ମୂଲ୍ୟବାନ ପ୍ଲଟ୍ ଥିବା ଜଣାପଡ଼ିଛି। ଏହି କୋଠା ଓ ପ୍ଲଟ୍‌ଗୁଡ଼ିକର ମାପଚୁପ କରିବା ସହ ମୂଲ୍ୟ ଆକଳନ କରିବା ପ୍ରକ୍ରିୟା ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ଜାରି ରହିଛି। ତଲାସୀ ସମୟରେ ଗୋଟିଏ ଟାଟା ନେକ୍ସନ୍ କାର୍ ଓ ଦୁଇଟି ଦୁଇଚକିଆ ଯାନ ମଧ ମିଳିଛି। ଅଧିକାରୀମାନେ ସୁନା ଅଳଙ୍କାରର ଓଜନ କରୁଛନ୍ତି। ଏହା ସହିତ ବ୍ୟାଙ୍କ ଜମା, ଅନ୍ୟ ଆର୍ଥିକ ମାଧ୍ୟମରେ ହୋଇଥିବା ନିବେଶ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସମ୍ପର୍କିତ ତଥ୍ୟ ମଧ ସଂଗ୍ରହ କରାଯାଉଛି। ଭିଜିଲାନ୍ସ ଟିମ୍‌ଗୁଡ଼ିକ ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ତିନିମହଲା କୋଠା, ଗଞ୍ଜାମ ଜିଲ୍ଲାର ପି. ନୂଆଗାଁରେ ଥିବା ଦୁଇଟି କୋଠା, ଗଞ୍ଜାମର ବୁରୁଝରୀରେ ଜଣେ ସମ୍ପର୍କୀୟଙ୍କ ଘର ଏବଂ ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ଜନନୀ ବିହାରରେ ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରେ ତଲାସୀ ଚଳାଇଛନ୍ତି। ଏହାବ୍ୟତୀତ ଯାଜପୁର ଜିଲ୍ଲାର ଜାରକାଠାରେ ଥିବା ଭଡ଼ା ଘର ଏବଂ ସେଠାରେ ଜୟଦେବ ଜେନାଙ୍କ କାର୍ଯ୍ୟାଳୟ କକ୍ଷରେ ମଧ ତଲାସୀ କରାଯାଉଛି।






# ଏସ୍‌ସିବିରେ ବିପର୍ଯ୍ୟସ୍ତ ଶିଶୁ ଚିକିତ୍ସା ବ୍ୟବସ୍ଥା : ୮ ମାସ ହେଲା ବନ୍ଦ ଆଇସିୟୁ

**କଟକ, ୧୨/୧୦ ନ୍ୟୁଜ ବ୍ୟୁରୋ**

ରାଜ୍ୟର ସର୍ବବୃହତ୍ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏସ୍‌ସିବିରେ ରୋଗୀସେବାକୁ ନେଇ ବିଭିନ୍ନ ସମୟରେ ଉଠୁଥିବା ଅଭିଯୋଗ ଏବେ ଚିନ୍ତାର କାରଣ ପାଲଟିଛି। କେଉଁଠି ରୋଗୀଙ୍କୁ ମାଡ଼ ମାରିବା ଓ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁକୁ ନେଇ ଅଭିଯୋଗ ଆସୁଛି ତ ଆଉ କେଉଁଠି ସୁରକ୍ଷାକର୍ମୀଙ୍କ ଆଚରଣ ଓ ଟିକେଟ୍ କାଉଣ୍ଟରରେ ଅବ୍ୟବସ୍ଥାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏବେ ଗୁରୁତର ଶିଶୁଙ୍କ ଚିକିତ୍ସା ପାଇଁ ଆବଶ୍ୟକ ପେଡିଆଟ୍ରିକ୍ ଆଇସିୟୁ ଦୀର୍ଘ ଆଠ ମାସ ଧରି ବନ୍ଦ ରହିବା ଘଟଣା ହସ୍ପିଟାଲର ଭିତ୍ତିଭୂମି ଓ ପରିଚାଳନାକୁ ନେଇ ପୁଣି ପ୍ରଶ୍ନ ଉଠାଇଛି।

ସୂଚନା ଅନୁସାରେ, ଏସ୍‌ସିବିର ଶିଶୁ ରୋଗ ବିଭାଗରେ ପୂର୍ବରୁ ଛଅଟି ଶଯ୍ୟା ବିଶିଷ୍ଟ ଆଇସିୟୁ ରହିଥିଲା। ଗତ ମାର୍ଚ୍ଚ ମାସରେ ଟ୍ରମା ବିଲ୍ଡିଂରେ ଅଗ୍ନିକାଣ୍ଡ ପରେ ଏହା ପ୍ରଭାବିତ ହୋଇଥିଲା। ହେଲେ ଏହାର ମରାମତି କରି ପୁନଃ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହେବାରୁ ଗୁରୁତର ଶିଶୁଙ୍କ ଚିକିତ୍ସା ଏବେ ଏକ ବଡ଼ ଆହ୍ୱାନ ପାଲଟିଛି। ଅତ୍ୟନ୍ତ ଜଟିଳ ଅବସ୍ଥାରେ ହସ୍ପିଟାଲକୁ ଆସୁଥିବା ଶିଶୁଙ୍କୁ ଆଇସିୟୁ ସୁବିଧା ନଥିବାରୁ ଅନ୍ୟ ହସ୍ପିଟାଲକୁ ନେବା ପାଇଁ ଅଭିଭାବକଙ୍କୁ ପରାମର୍ଶ ଦିଆଯାଉଥିବା ଅଭିଯୋଗ ହେଉଛି। ଫଳରେ ଗୁରୁତର ଶିଶୁଙ୍କ ଚିକିତ୍ସାରେ ଅମୂଲ୍ୟ ସମୟ ନଷ୍ଟ ହେବାର ଆଶଙ୍କା ରହୁଛି।

ବିଭାଗରେ ଛଅଟି ଶଯ୍ୟା ବିଶିଷ୍ଟ ଏଚ୍‌ଡିୟୁ ଥିଲେ ମଧ ଏହା ଆଇସିୟୁର ବିକଳ୍ପ ହୋଇପାରୁନାହିଁ। ବିଶେଷକରି ଭେଣ୍ଟିଲେଟର ଭଳି ଅତ୍ୟାବଶ୍ୟକ ଉପକରଣ ନଥିବାରୁ ଅତି ଗୁରୁତର ଶିଶୁଙ୍କୁ ସେଠାରେ ରଖିବା ନିରାପଦ ନୁହେଁ ବୋଲି ବିଭାଗର ଜଣେ ବରିଷ୍ଠ ବିଶେଷଜ୍ଞ ମତ ଦେଇଛନ୍ତି। ବିଭାଗୀୟ ସୂତ୍ର ଅନୁସାରେ, ଆଇସିୟୁ ସୁବିଧା ନଥିବାରୁ ପ୍ରତିଦିନ ୨୦ରୁ ଅଧିକ ଶିଶୁ ରୋଗୀ ଆଶୁ ଚିକିତ୍ସା କେନ୍ଦ୍ର ଓ ଆଉଟ୍‌ଡୋରରୁ ଫେରିଯାଉଛନ୍ତି। ଏହି ସଂଖ୍ୟା ମାସକୁ ୬୦୦ରୁ ଅଧିକ ହେଉଥିବା ଜଣାପଡ଼ିଛି।

କେବଳ ଆଇସିୟୁ ସମସ୍ୟା ନୁହେଁ, ଶିଶୁ ରୋଗ ବିଭାଗରେ ଶଯ୍ୟା ଅଭାବ ମଧ ରୋଗୀଙ୍କ ଦୁର୍ଦ୍ଦଶା ବଢ଼ାଉଛି। ନୂତନ ଆଇସିୟୁ ନିର୍ମାଣ ପାଇଁ ପୁରୁଣା ୱାର୍ଡରୁ ବେଡ୍ ହଟାଯାଇଥିବାରୁ ଶିଶୁଙ୍କୁ ଆବଶ୍ୟକ ଶଯ୍ୟା ମିଳୁନାହିଁ। ଏପରିକି କେତେକ ଶିଶୁଙ୍କୁ ୱାର୍ଡର ବାରଣ୍ଡାରେ ଚଟାଣ ଉପରେ ରଖି ଚିକିତ୍ସା କରାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟ ବିଭାଗରେ ଶଯ୍ୟା ସଂଖ୍ୟା ବୃଦ୍ଧି ହେଉଥିବାବେଳେ ଶିଶୁ ରୋଗ ବିଭାଗରେ ଏହା ହ୍ରାସ ପାଇବା ବ୍ୟବସ୍ଥାର ଦୁର୍ବଳତାକୁ ସାମ୍ନାକୁ ଆଣିଛି।

ଏକଦା ଏସ୍‌ସିବିର ଶିଶୁ ରୋଗ ବିଭାଗରେ ଚାରିଟି ୟୁନିଟ୍ କାର୍ଯ୍ୟ କରୁଥିଲା। ପରବର୍ତ୍ତୀ ସମୟରେ ତିନିଟି ୟୁନିଟ୍ ଶିଶୁ ଭବନକୁ ସ୍ଥାନାନ୍ତର ହେବା ପରେ ଏଠାରେ ମାତ୍ର ୫୦ଟି ଶଯ୍ୟାରେ ରୋଗୀଙ୍କ ଚିକିତ୍ସା ହେଉଥିଲା। ଏହା ସହିତ ଏସ୍‌ସିବିରେ ସ୍ୱତନ୍ତ୍ର ଶିଶୁ ରୋଗ ଶଲ୍ୟଚିକିତ୍ସା ବିଭାଗ ନଥିବାରୁ ଅନେକ ରୋଗୀଙ୍କୁ ଶିଶୁ ଭବନ କିମ୍ବା ଘରୋଇ ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଛି। ଏହା ରୋଗୀଙ୍କ ଅସୁବିଧା ସହ ଅଭିଭାବକଙ୍କ ଆର୍ଥିକ ବୋଝ ମଧ ବଢ଼ାଇପାରେ। ଏସ୍‌ସିବିରେ ରୋଗୀସେବାକୁ ନେଇ ବିଭିନ୍ନ ସମୟରେ ସାମ୍ନାକୁ ଆସୁଥିବା ଅଭିଯୋଗ ଏବେ ହସ୍ପିଟାଲର ପ୍ରଶାସନିକ ଦାୟିତ୍ୱ ଓ ରୋଗୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଉଛି। ତେବେ ଏହି ଘଟଣାଗୁଡ଼ିକର ପ୍ରକୃତ କାରଣ ଓ ଦାୟିତ୍ୱ ନିର୍ଦ୍ଧାରଣ ପାଇଁ ନିରପେକ୍ଷ ଯାଞ୍ଚ ଏବଂ ପ୍ରଶାସନିକ ପଦକ୍ଷେପ ଆବଶ୍ୟକ। ବିଶେଷକରି ଗୁରୁତର ଶିଶୁଙ୍କ ଜୀବନରକ୍ଷା ପାଇଁ ଆଇସିୟୁକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପର୍ଯ୍ୟାପ୍ତ ଶଯ୍ୟା ଉପଲବ୍ଧ କରାଇବା ଏବଂ ଆବଶ୍ୟକ ଚିକିତ୍ସା ଉପକରଣ ସୁନିଶ୍ଚିତ କରିବା ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ଅଧୀକ୍ଷକ ପ୍ରଫେସର ଡାକ୍ତର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ କହିଛନ୍ତି ଯେ ଗୁରୁତର ଶିଶୁଙ୍କୁ ଏଚ୍‌ଡିୟୁରେ ରଖି ଚିକିତ୍ସା କରାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ଆଗାମୀ ଦିନରେ ପଦକ୍ଷେପ ନିଆଯିବ। ଏବେ ପ୍ରଶ୍ନ ହେଉଛି, ରାଜ୍ୟର ଏକ ପ୍ରମୁଖ ସରକାରୀ ହସ୍ପିଟାଲରେ ଗୁରୁତର ଶିଶୁଙ୍କ ପାଇଁ ଆଇସିୟୁ ଆଠ ମାସ ଧରି ବନ୍ଦ ରହିବା ପରେ ମଧ ଏହାର ସମାଧାନ କାହିଁକି ହୋଇପାରିନାହିଁ ? ରୋଗୀସେବାରେ ଅବ୍ୟବସ୍ଥା ସମ୍ପର୍କିତ ଅଭିଯୋଗଗୁଡ଼ିକର ସମାଧାନ ସହ ହସ୍ପିଟାଲର ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ କର୍ତ୍ତୃପକ୍ଷ କେବେ ଠୋସ୍ ପଦକ୍ଷେପ ନେବେ, ତାହାକୁ ରୋଗୀ ଓ ସାଧାରଣ ଲୋକ ଅପେକ୍ଷା କରିଛନ୍ତି।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com